# ଦୂଷିତ ଜଳ ଯୋଗୁ ବ୍ୟାପୁଛି ଝାଡ଼ାବାନ୍ତି

**ବାଲେଶ୍ୱର ଅଫିସ/ବସ୍ତା, ୨୧।୮(ସ୍ୱ.ପ୍ର.)**

ଲଗାଣବର୍ଷା ପରେ ବାଲେଶ୍ୱର ଜିଲାର ବସ୍ତା ଏବଂ ରେମୁଣା ବ୍ଲକରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ନାଳ ପୋଖରୀରୁ ଲୋକେ ଦୂଷିତ ଜଳକୁ ପାନୀୟ ଭାବେ ବ୍ୟବହାର କରୁଥିବାରୁ ରୋଗ ବ୍ୟାପୁଥିବା ଆଶଙ୍କା କରାଯାଉଛି। ବସ୍ତା ବ୍ଲକ ବାହାବଳପୁର ଅଞ୍ଚଳରେ ସମୁଦ୍ରକୁ ମାଛ ଧରିବାକୁ ଯାଇ ଝାଡାବାନ୍ତିରେ ଆକ୍ରାନ୍ତ ଧୀବରଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁଘଟିଛି। ସେହି ଅଞ୍ଚଳରେ ଅନ୍ୟ ୧୧ ଜଣ ଆକ୍ରାନ୍ତ ହୋଇଛନ୍ତି। ରେମୁଣା ବ୍ଲକ ଚଷାଖଣ୍ଡ ପଞ୍ଚାୟତ ମହେଶପୁର, କୁଲୁକୁଣ୍ଡା ଗ୍ରାମରେ ୧୫ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସେହିପରି ବସ୍ତା ବ୍ଲକ୍‌ର ବାସିଚକୁରାଇ, ଧିତପୁରା ଗାଁରେ ଝାଡ଼ାବାନ୍ତିରେ ୧୫ ଜଣ ଆକ୍ରାନ୍ତ ହୋଇଛନ୍ତି । ଘରକୁ ଘର ଓ ଗାଁକୁ ଗାଁ ଝାଡାବାନ୍ତି ବ୍ୟାପୁଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଏହା ମହାମାରୀ ରୂପ ନେବା ଆଗରୁ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଏବଂ ପ୍ରତିଷେଧକ ଚିକିତ୍ସାସେବା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଜିଲା ମୁଖ୍ୟଚିକିତ୍ସାଳୟର ଡାଇରିଆ ୱାର୍ଡରେ ଚିକିତ୍ସାଧୀନ ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀ।

- ୩ ମୃତ, ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ
- ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଭିଡ଼
- ସ୍ଥିତି ଅନୁଧ୍ୟାନ କଲେ ଚିକିତ୍ସାଧିକାରୀ

ବାହାବଳପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ବାହାବଳପୁର ଜେଟିରୁ ମାଛ ଧରିବାକୁ ଯାଇଥିବା ବୋଟ୍‌ଗୁଡ଼ିକରେ କାର୍ଯ୍ୟରତ ଧୀବର ଅଧିକ ସଂଖ୍ୟାରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ମତ୍ସ୍ୟଜୀବୀ ଆସୋସିଏଶନ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଜେଟିରୁ ସମୁଦ୍ରକୁ ଯାଇଥିବା ୧୦ରୁ ଊର୍ଦ୍ଧ୍ୱ ବୋଟ୍‌ରେ ଥିବା ମତ୍ସ୍ୟଜୀବୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନେ ସମୁଦ୍ର ଭିତରେ ଥିବାରୁ ଫେରିବାରେ ବିଳମ୍ବ ଘଟିଥିଲା। ସାଗରକନ୍ୟା ବୋଟରେ କାର୍ଯ୍ୟରତ ମତ୍ସ୍ୟଜୀବୀ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ନୟାବସନ୍ତପୁର ଗ୍ରାମର ଚୈତନ୍ୟ ସିଂ(୨୬)ଙ୍କର ପ୍ରଥମେ ମୃତ୍ୟୁ ହୋଇଥିଲା। କୂଳକୁ ଫେରିଥିବା ଅନ୍ୟ ୭ଟି ବୋଟ୍‌ରେ ୧୩ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ତାରାତାରିଣୀ ବୋଟ୍‌ର ବାରିପଦା ଅଞ୍ଚଳର ଦେବେନ ହେମ୍ବ୍ରମ(୩୦) ଓ ଦେବୀଦଳନ ଦୁର୍ଗା ବୋଟ୍‌ର ବାଲେଶ୍ୱର ସଦରଥାନା ଦିଗଦା ବଡ଼ବୁଗରା ଗ୍ରାମର ଚନ୍ଦ୍ରକାନ୍ତ ମାଝି(୪୫)। ଅନ୍ୟ ୧୧ଜଣ ଆକ୍ରାନ୍ତ ମତ୍ସ୍ୟଜୀବୀ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ବାଲେଶ୍ୱର ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପବ୍ଲିକ୍ ହେଲ୍‌ଥ) ସନ୍ଧ୍ୟାରାଣୀ ପଟ୍ଟନାୟକ ବାହାବଳପୁରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଜେଟିକୁ ଯାଉଥିବା ଜଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ମତ୍ସ୍ୟଜୀବୀ ସଂଘର ସଭାପତି ବିକାଶ ଦାସ କହିଛନ୍ତି, ମତ୍ସ୍ୟଜୀବୀମାନେ ଯେଉଁଠାରୁ ପିଇବା ପାଣି ନେଇ ସମୁଦ୍ରକୁ ଯାଆନ୍ତି ବୋଧେ ତାହା ଦୂଷିତ ହୋଇଥିବା କାରଣରୁ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି। ୧୫ରୁ ଊର୍ଦ୍ଧ୍ୱ ବୋଟ୍‌ରେ ଜଣେ ଦୁଇଜଣ କରି ମତ୍ସ୍ୟଜୀବୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଖବର ମିଳିଛି। ବାହାବଳପୁର ଡାକ୍ତରଖାନାରେ ଡାକ୍ତର ନ ଥିବା ଯୋଗୁ ଏଠାରେ ରୋଗୀଙ୍କୁ ତତ୍କାଳ ଚିକିତ୍ସା ମିଳୁ ନାହିଁ । ଏଥିଲାଗି ଗୁରୁତର ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କିରବାକୁ ପଡୁଛି।

ରେମୁଣା ବ୍ଲକର ଦୁଇଟି ଗ୍ରାମରେ ପୋଖରୀର ଦୂଷିତ ଜଳ ବ୍ୟବହାର ଯୋଗୁ ଝାଡାବାନ୍ତି ବ୍ୟାପୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସ୍ଥିତି ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କମଳାକାନ୍ତ ନାୟକଙ୍କୁ ପଚାରିବାରୁ କହିଛନ୍ତି, ବର୍ଷା ହେବା କାରଣରୁ ଜଳ କେତେକାଂଶରେ ପ୍ରଦୂଷିତ ହୋଇଛି। ମାଛିମଶାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଦୂଷିତ ଜଳ ବ୍ୟବହାର ସାଙ୍ଗକୁ ବାସି ଖାଦ୍ୟ ଖାଇବା ଯୋଗୁ ଝାଡ଼ାବାନ୍ତି ରୋଗ ଉଭୟ ଅଞ୍ଚଳରେ ବ୍ୟାପିଛି। ଏଥିଲାଗି ଲୋକେ ସଚେତନ ରହିବା ଦରକାର। ଏଣୁ ସମ୍ପୃକ୍ତ ଅଞ୍ଚଳକୁ ଡାକ୍ତରୀ ଟିମ୍ ପଠାଯାଇ ଲୋକମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯିବା ସହ ଚିକିତ୍ସା କରାଯାଉଛି। ଚିକିତ୍ସକ ଦଳ ଓ ସ୍ୱାସ୍ଥ୍ୟ କର୍ମୀ ଲୋକଙ୍କୁ ମଧ ସଚେତନ କରାଉଛନ୍ତି।

## ସଂକ୍ଷେପରେ

### ମରାମତି କାମ ବେଳେ ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ସିମୁଳିଆ, ୨୧।୮ (ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ସୁଙ୍ଗୁଡ଼ା ଅଞ୍ଚଳର ଗୌରାଙ୍ଗ ମହନି(୪୬) ନାମକ ଜଣେ ଯୁବକ ବୁଧବାର ପୂର୍ବାହ୍ନରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି। ସେ ବିଦ୍ୟୁତ୍ ବିଭାଗର ଠିକା କର୍ମଚାରୀ ରୂପେ କାମ କରି ସ୍ଥାନୀୟ ଅଞ୍ଚଳର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଥାଆନ୍ତି। ତେବେ ନିଜ ଅଞ୍ଚଳର ଏକ ଟ୍ରାନ୍ସଫର୍ମର ନିକଟରେ କାମ କରୁଥିବା ବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଏଥିରେ ତାଙ୍କ ହାତ ଓ ଶରୀରର କିଛି ଅଂଶ ଜଳିଯାଇଥିଲା। ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସୁଙ୍ଗୁଡ଼ା ଅଞ୍ଚଳରେ ଥିବା ଏଡି ଟ୍ରାନ୍ସଫର୍ମର ନିକଟରେ ବିଭିନ୍ନ ତାର ଝୁଲି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଦୁର୍ଘଟଣା ଘଟିଥିବାର ସ୍ଥାନୀୟ ଅଞ୍ଚଳର ରମାକାନ୍ତ ନାୟକ, ଶ୍ରୀଧର ମହାନ୍ତି, ଜ୍ୟୋତିରଞ୍ଜନ ପ୍ରଧାନ, ଆନନ୍ଦ ଘଡିଆ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ମାଛ ଧରିବାକୁ ଯାଇ ଯୁବକଙ୍କ ମୃତ୍ୟୁ

**ଜଳେଶ୍ୱର, ୨୧।୮:** ବାଲେଶ୍ୱର ଜିଲା ଜଳେଶ୍ୱର ପୌରାଞ୍ଚଳର ୮ନମ୍ବର ୱାର୍ଡ଼ ପଞ୍ଚୁଘଣ୍ଟା ଗ୍ରାମର ଦାକ୍ଷୀନ ମୁର୍ମୁ ନାମକ ଜଣେ ଯୁବକ ବୁଧବାର ପୂର୍ବାହ୍ନରେ ନିକଟସ୍ଥ ପାଣି ନାଳକୁ ମାଛ ଧରିବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। କୌଣସି କାରଣରୁ ଗୋଡ଼ ଖସିଯିବାରୁ ସେ ପାଣି ନାଳରେ ପଡ଼ି ଯାଇ ଆଉ ଉଠି ନ ପାରି ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସପିଟାଲକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଜଳେଶ୍ୱର ମ୍ୟୁନିସିପାଲିଟି ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ଅନ୍ତିମ ସଂସ୍କାର ଲାଗି ତାଙ୍କ ପରିବାରକୁ ୩ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଛି।

### ବଧୂ ହତ୍ୟା ଅଭିଯୋଗ: ସ୍ୱାମୀ ସମେତ ୩ ଗିରଫ

**ଭଦ୍ରକ ଅଫିସ, ୨୧।୮:** ଭଦ୍ରକ ପୁରୁଣାବଜାର ଥାନା ଛଡାକମହଲା ଗ୍ରାମରେ ସୁମିତ୍ରା ସାହୁ ନାମକ ମହିଳାଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଯୌତୁକ ପାଇଁ ସୁମିତ୍ରାଙ୍କୁ ମାରିଦିଆଯାଇଥିବା ତାଙ୍କ ଭାଇ ପୁରୁଣାବଜାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ହତ୍ୟା ମାମଲା (ନଂ.୧୫୩/୧୯) ରୁଜୁ କରି ବୁଧବାର ସୁମିତ୍ରାଙ୍କ ସ୍ୱାମୀ ସମେତ ୩ ଜଣଙ୍କୁ ଗିରଫ କରିଛି। ମୃତା ସୁମିତ୍ରାଙ୍କ ଭାଇ ଧୁଷୁରୀ ଥାନା ଦେଉଳଡିହ ଗ୍ରାମର ସୁଶାନ୍ତ ସାହୁ ଅଭିଯୋଗ କରିଛନ୍ତି ଯେ, ୨୦୧୩ରେ ସୁମିତ୍ରାଙ୍କର ଛଡାକମହଲାର ମନୋଜ ସାହୁଙ୍କ ସହ ବାହାଘର ହୋଇଥିଲା। ତାଙ୍କର ୫ ବର୍ଷର ଏକ ପୁଅ ଅଛି। ଅଧିକ ଯୌତୁକ ଦାବି କରି ସ୍ୱାମୀ ମନୋଜ, ଶାଶୁ ଆରଲତା, ଶ୍ୱଶୁର ବିଷ୍ଣୁଚରଣ ସୁମିତ୍ରାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଅଧିକ ନିର୍ଯାତନା ଦେଇ ମଙ୍ଗଳବାର ରାତିରେ ତାଙ୍କ ଭଉଣୀକୁ ମାରି ଦିଆଯାଇଛି। ପୋଲିସ ସୁମିତ୍ରାଙ୍କ ସ୍ୱାମୀ ମନୋଜ, ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରିଛି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ପ୍ରଜ୍ଞା ମହାନ୍ତି ସୂଚନା ଦେଇଛନ୍ତି।

## ପାଚିକା ଚୟନରେ ହେରଫେର୍ ନେଇ ମହିଳାଙ୍କ ବିକ୍ଷୋଭ

**ବସ୍ତା, ୨୧।୮ (ସ୍ୱ.ପ୍ର):** ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ବୁଧବାର ପଞ୍ଚାୟତ ସମିତି ବୈଠକ ଚାଲିଥିବାବେଳେ କରୁଆ ପଞ୍ଚାୟତର ଉଜୁଡ଼ା-୨ ଓ କାଦରାୟାଁ ପଞ୍ଚାୟତର ଦେଭୋଗ-୨ ଅଙ୍ଗନୱାଡ଼ି କେନ୍ଦ୍ରରେ ପାଚିକା ଚୟନରେ ଅନିୟମିତତା ହୋଇଥିବା ଦର୍ଶାଇ ମହିଳାମାନେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ପଞ୍ଚାୟତ ସମିତି ବୈଠକ ଗୃହକୁ ମଧ ପଶିବାକୁ ଉଦ୍ୟମ କରିଥିଲେ। ବୈଠକ ପରେ ସେମାନଙ୍କ କଥା ଶୁଣାଯିବ ବୋଲି କୁହାଯିବାରୁ ସେମାନେ ସିଡିପିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇ ବସି ରହିଥିଲେ। ବିକ୍ଷୋଭ ପ୍ରଦର୍ଶନକାରୀ ମହିଳାମାନେ ଅଭିଯୋଗ କରିଥିଲେ ଯେ, ଏହି ଦୁଇ ଅଙ୍ଗନୱାଡ଼ି କେନ୍ଦ୍ରରେ ଭୋଟ୍ କରାଯାଇ ପାଚିକା ଚୟନ କରାଯିବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏଥିରେ ଚଞ୍ଚକତା କରଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଉଚିତ ପଦକ୍ଷେପ ନିଆଯାଉ ବୋଲି ସେମାନେ ଦାବି କରିଥିଲେ। ପଞ୍ଚାୟତ ସମିତି ବୈଠକ ପରେ ବିଧାୟକ ଅଶ୍ୱନୀ କୁମାର ପାତ୍ର ମହିଳାମାନଙ୍କ ଅଭିଯୋଗ ଶୁଣି ଏହାର ଯାଞ୍ଚ କରିବେ ବୋଲି କହିବାରୁ ପରିସ୍ଥିତି ଶାନ୍ତ ପଡିଥିଲା।

## ନୀଳଗିରି ମହାବିଦ୍ୟାଳୟରେ ଭୋକେସ୍‌ନାଲ ଡିଗ୍ରୀ ପାଠ୍ୟକ୍ରମକୁ ମିଳିଲା ୟୁଜିସି ମଞ୍ଜୁରୀ




ନୀଳଗିରି ମହାବିଦ୍ୟାଳୟ।

**ସଜନାଗଡ଼, ୨୧।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି କଲେଜରେ ଚଳିତବର୍ଷ ପାଠ୍ୟକ୍ରମରେ ମାନବ ସମ୍ବଳ ବିକାଶ ବିଭାଗର ପାଠ୍ୟଖସଡ଼ା ସ୍ଥାନ ପାଇଛି। ଗତବର୍ଷ ଏହା ବନ୍ଦ ହୋଇଥିଲା। ଏନେଇ ନୀଳଗିରି କଲେଜ ପରିଚାଳନା କମିଟିର ସଭାପତି ତଥା ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଅନୁରୋଧ କ୍ରମେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ନୀଳଗିରି ମହାବିଦ୍ୟାଳୟର ଭୋକେସ୍‌ନାଲ ଡିଗ୍ରୀ ପାଠ୍ୟକ୍ରମକୁ ୟୁଜିସ ପୁଣି ଅନୁମୋଦନ ଦେଇଛି। ଉଲ୍ଲେଖନୀୟ ଯେ, ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଏହି ପାଠ୍ୟକ୍ରମକୁ ନୀଳଗିରି କଲେଜରେ ସ୍ଥାନଦେବା ନିମନ୍ତେ କରାଯାଇଥିବା ଆବେଦନକୁ ଯଥାର୍ଥ ବୋଲି ଦର୍ଶାଇ କେନ୍ଦ୍ରମନ୍ତ୍ରୀ ଦାବି ଉପସ୍ଥାପନ କରିବା ପରେ ଭାରତସରକାରଙ୍କ ଯୁଗ୍ମସଚିବ ଡ. ମଞ୍ଜୁ ସିଂ ୟୁଜିସି ମାଧ୍ୟମରେ ଏହା ପଢ଼ାଇବାକୁ ବୁଧବାର ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହାକୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଛନ୍ତି।

## ୨ ଅଣଛାତ୍ର ଥାନାରେ ଅଟକ

**ସଜନାଗଡ଼, ୨୧।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି କଲେଜ ପରିସରରେ ଛାତ୍ର ଅଶାନ୍ତି ବଢ଼ିବାରେ ଲାଗିଛି। ଆଗାମୀ କଲେଜ ଛାତ୍ର ସଂସଦ ନିର୍ବାଚନ ପରିପ୍ରେକ୍ଷୀରେ କେତେବେଳେ ମାଓବାଦୀ ପୋଷ୍ଟର ଲଗାଯାଉଛି ତ ଆଉ କେତେବେଳେ ଅଣଛାତ୍ରଙ୍କ ପ୍ରବେଶ ଘଟଣା କଲେଜର ପରିଚାଳନା ସମିତି ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ବୁଧବାର କଲେଜ ପରିସରରେ ଦୁଇଜଣ ଅଣଛାତ୍ର କଲେଜ ୟୁନିଫର୍ମ୍ ପିନ୍ଧି ଭିତରକୁ ପ୍ରବେଶ କରିଥିଲେ। କୌଣସି କାରଣରୁ କଲେଜରେ ପାଟିତୁଣ୍ଡ ହେବା ସହ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସେଠାରେ ସାମ୍ଭାବ୍ୟ ଗଣ୍ଡଗୋଳକୁ ଆଶଙ୍କା କରି ଅଧ୍ୟକ୍ଷ କ୍ଲାସ ବାତିଲ୍ କରିବା ସହିତ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ନୀଳଗିରି ପୋଲିସ ଘଟଣାସ୍ଥଳକୁ ଯାଇ ସେହି ଅଣଛାତ୍ର ଦ୍ୱୟଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା କହିଛି।

## ■ ଜିଲାସ୍ତରୀୟ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ
## ମ୍ୟୁନିସିପାଲିଟି ଓ ଭିମପୁରା ହାଇସ୍କୁଲ ବିଜୟୀ

**ବାଲେଶ୍ୱର ଅଫିସ, ୨୧।୮**

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରେ ବୁଧବାର ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଖ୍ରୀଷ୍ଟିଆନ ହାଇସ୍କୁଲର ପ୍ରଧାନଶିକ୍ଷକ ନାରାୟଣ ପୁଷ୍ଟି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ମ୍ୟୁନିସିପାଲିଟି ହାଇସ୍କୁଲ ଓ ପବ୍ଲିକ ହାଇସ୍କୁଲ ମଧ୍ୟରେ ହୋଇଥିଲା। ମ୍ୟୁନିସିପାଲିଟି ହାଇସ୍କୁଲ ଦଳ ୪-୧ ଗୋଲରେ ପବ୍ଲିକ ହାଇସ୍କୁଲକୁ ହରାଇ ବିଜୟୀ ହୋଇଥିଲା। ପ୍ରଦୀପ ଦାସ, ଦେବାଶିଷ ଘୋଷ, ସେକ ଅବଦୁଲ ହାକିମ, ଚିତ୍ତରଞ୍ଜନ ପାସା ଖେଳ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଭିମପୁରା ହାଇସ୍କୁଲ ଓ ଜିଲା ସ୍କୁଲ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭିମପୁରା ହାଇସ୍କୁଲ ୭-୦ ଗୋଲରେ ଜିଲା ସ୍କୁଲ ବାଲେଶ୍ୱରକୁ ହରାଇ ବିଜୟୀ ହୋଇଥିଲା। ସେକ ଅବଦୁଲ ମଜିଦ, ଅମୂଲ୍ୟ ରାଉତ, ସୁଦାମ ବୁଗୁଡ଼ି, ପ୍ରଦୀପ ଦାସ ଖେଳ ପରିଚାଳନା କରିଥିଲେ। ଅଶୋକ ନାୟକ, ସୁକାନ୍ତ ନାୟକ, ପ୍ରେମଲତା ମହାନ୍ତି, ଜଗଦିଶ ବେହେରା, ଅପର୍ଣ୍ଣା କର, ଜିଲା କ୍ରୀଡ଼ାସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ମ୍ୟାଚ୍ ପୂର୍ବରୁ ପଡ଼ିଆରେ ଖେଳାଳି।

## ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ

**ବସ୍ତା, ୨୧।୮(ସ୍ୱ.ପ୍ର):** ବସ୍ତା ପଞ୍ଚାୟତ ସମିତି ବୈଠକ ହଟ୍ଟଗୋଳରେ ଶେଷ ହୋଇଛି। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର, ବାଲେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ଉମାକାନ୍ତ ମହାପାତ୍ର, ବିଡିଓ କୁକୁମୀନା ଦାସ, ଉପାଧ୍ୟକ୍ଷା ରଞ୍ଜନା ଦାସ, ତହସିଲଦାର ନରେନ୍ଦ୍ର ଖମାରୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧିମାନେ ବ୍ଲକର ବିଭିନ୍ନ ବିଭାଗ କାର୍ଯ୍ୟ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନେ ଡାକ୍ତରଖାନା, ଶିକ୍ଷା ବିଭାଗ, ବିଦ୍ୟୁତ ବିଭାଗ, ଯୋଗାଣ ବିଭାଗ, ପାନୀୟ ଜଳ ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ଉତ୍ତର ଉତ୍ତର ମାଗିଥିଲେ।

## 'ଆତ୍ମବିଶ୍ୱାସ ବଢିଲେ ସଫଳତା ଲାଭ ସମ୍ଭବ'

**ବାହାନଗା, ୨୧।୮ (ଡି.ଏନ.ଏ.):** ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ 'ଆତ୍ମ ବିଶ୍ୱାସ ବୃଦ୍ଧି' ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସକାଳ ୮ଟାରୁ ପୂର୍ବାହ୍ନ ସାଢେ ୧୦ ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ର କିଭଳି ଆତ୍ମବିଶ୍ୱାସ ବୃଦ୍ଧି ସହ ଶିକ୍ଷାକ୍ଷେତ୍ରରେ ସଫଳତା ଲାଭ କରି ଠିକ୍ ମାର୍ଗରେ ପରିଚାଳିତ ହେବ ସେ ନେଇ ଆଲୋଚନା କରାଯାଇଥିଲା।

ପ୍ରଧାନ ଶିକ୍ଷକ ପ୍ରଭାସ ରଞ୍ଜନ ନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ। ସଭାରେ ଅନ୍ୟତମ ଅତିଥି ଭାବେ ସହକାରୀ ଶିକ୍ଷକ ପ୍ରଦୀପ୍ କୁମାର ବିଶ୍ୱାଳ ଯୋଗ ଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟତ୍ରୀ ତପସ୍ୱିନୀ ପାତ୍ର ଯେ କୌଣସି କାର୍ଯ୍ୟ ନିଷ୍ଠାର ସହ କଲେ ସଫଳତା ହାସଲ କରିହେବ ବୋଲି କହିଥିଲେ । ବର୍ତ୍ତମାନ ବିଜ୍ଞାନ ବଳରେ ଯେଉଁ ନୂଆ ଉଦଭାବନ ଓ ଆବିଷ୍କାର ହେଉଛି ତାହା ସେହି ଲୋକଙ୍କ ଆତ୍ମବିଶ୍ୱାସ ଓ ଆତ୍ମଶକ୍ତିର ଫଳ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ନାୟକ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମଶକ୍ତିର ଅଭାବ ପରିଲକ୍ଷିତ ହେଉଥିବା ଉଲ୍ଲେଖକରି ବିଭିନ୍ନ ପରାମର୍ଶ ଦେଇଥିଲେ। ଶିକ୍ଷୟତ୍ରୀ ରାଜଶ୍ରୀ ରଥ, ସ୍ମୃତି ଯେନା, ସୁଚରିତା ଦାସ, ସ୍ୱପ୍ନା ଆଚାର୍ଯ୍ୟ, ସୁଜାତା ଦା, ଅହଲ୍ୟା ମଲିକ, ମାନସୀ ବେହେରା ଆଲୋଚନାରେ ଭାଗ ନେଇଥିଲେ । ଶିକ୍ଷକ ପଦ୍ମଲୋଚନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।



କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ର।

## ମାଟିଶଙ୍ଖର ପ୍ରସ୍ତୁତି ଓ ପ୍ରଚାର ପ୍ରସାର ଆଶା

**ବାଲେଶ୍ୱର ଅଫିସ, ୨୧।୮**

ବାଲେଶ୍ୱର ଜିଲା ରେମୁଣା ଦୁର୍ଗାଦେବୀ ଅଞ୍ଚଳର ଊର୍ମିଳା ଦେହୁରୀ ମାଟିରେ ଶଙ୍ଖ ତିଆରି କରି ବେଶ୍ ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ହାତ ନିର୍ମିତ ମାଟିଶଙ୍ଖ ଦେଖିବାକୁ ଯେମିତି, ଏହାର ଧ୍ୱନି ମଧ ସେମିତି। ଏଭଳି ମାଟିଶଙ୍ଖର ଆଦର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାର ଅଧିକ ପ୍ରଚାର ପ୍ରସାର ଓ ପ୍ରସ୍ତୁତି କରାଯାଇ ପାରିବ ବୋଲି ଊର୍ମିଳା ଆଶାବାଦୀ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଊର୍ମିଳାଙ୍କୁ ଉତ୍ସାହିତ କରିବା ଲାଗି ଭୁବନେଶ୍ୱରର ହାପି ଲାଇଫ୍ ଫାଉଣ୍ଡେଶନ୍ ତରଫରୁ ୨୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି।

ମାଟିରେ ଶଙ୍ଖ ତିଆରି କୌଶଳ ନିଆରା। ସାଧାରଣତଃ ସମୁଦ୍ରରୁ ଶଙ୍ଖ ସଂଗ୍ରହ କରି ଲୋକେ ହାଟ ବଜାରରେ ବିକ୍ରିବଟା କରିଥାନ୍ତି । ଏହା ଏକ ସାମୁଦ୍ରିକ ଜୀବ। ଆମ ଦେଶରେ ବିଭିନ୍ନ ପୂଜା ପାର୍ବଣ ଓ ସାମାଜିକ ଉତ୍ସବରେ ଶଙ୍ଖବାଦନ କରାଯାଇଥାଏ। ସମ୍ପ୍ରତି ଶଙ୍ଖବାଦନ ଏକ କଳାରେ ପରିଣତ ହୋଇଛି। ଶଙ୍ଖର ମହତ୍ତ୍ୱ ସର୍ବଜନ ବିଦିତ। ଏପରି ସ୍ଥଳେ ମାଟିରେ ଶଙ୍ଖ ତିଆରି କରିବା ଏବଂ ଏଥିରୁ ସାମୁଦ୍ରିକ ଶଙ୍ଖ ଭଳି ଧ୍ୱନି ବାହାରିବା ସମସ୍ତଙ୍କୁ ବିସ୍ମିତ କରିଛି। ଏହାର କାରିଗରୀ କୌଶଳକୁ ଦେଖି ଊର୍ମିଳାଙ୍କୁ ଉତ୍ସାହିତ କରିବା ଲାଗି ଭୁବନେଶ୍ୱରର ହାପି ଲାଇଫ୍ ଫାଉଣ୍ଡେଶନ୍ ତରଫରୁ ୨୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଫାଉଣ୍ଡେଶନ୍‌ର ମୁଖ୍ୟ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବାସ୍ତୁଶାସ୍ତ୍ର ତଥା ଶଙ୍ଖ ବିଶାରଦ ଡ. ମନୋଜ କୁମାର ଲେଙ୍କା ନିଜେ ଭୁବନେଶ୍ୱରରୁ ଆସି ଊର୍ମିଳାଙ୍କ ବାସଭବନରେ ପହଞ୍ଚି ତାଙ୍କର ସବୁ ଶଙ୍ଖ ଦେଖିବା ସହ ଏଡି ଚେକ୍ ପ୍ରଦାନ କରି ମାଟିଶଙ୍ଖର ପ୍ରଚାର ପ୍ରସାର କରିବା ଲାଗି ସେ ଉଦ୍ୟମ କରିବେ ବୋଲି କହିଛନ୍ତି। ସହାୟତା ପ୍ରଦାନ ବେଳେ ଶିଳ୍ପୀ କେଶୁ ଦାସ ଓ ଊର୍ମିଳାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ।



ମାଟିଶଙ୍ଖ କାରିଗରଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

- କାରିଗର ଊର୍ମିଳାଙ୍କୁ ଭେଟିଲେ ଶଙ୍ଖ ବିଶାରଦ ମନୋଜ
- ହାପି ଲାଇଫ୍ ଫାଉଣ୍ଡେଶନ୍ ପକ୍ଷରୁ ଦିଆଗଲା ସହାୟତା

## ■ ବାଇକରେ ଆସି ଘରୁ ଛେଳି, କୁକୁଡ଼ା ଚୋରି
## ଜଣଙ୍କୁ ଗୋଡ଼ାଇ ଧରିଲେ, ୫ ଫେରାର

**ବାଲେଶ୍ୱର ଅଫିସ, ୨୧।୮**

ବାଲେଶ୍ୱର ସଦର ବ୍ଲକ ବର୍ଦ୍ଧନପୁର ଗ୍ରାମର ୬ଜଣ ଯୁବକ ୩ଟି ବାଇକ୍‌ରେ ଆସି ୨ଜଣଙ୍କ ଘରୁ ୧୩ କୁକୁଡ଼ା ଓ ୩ ଛେଳି ଚୋରି କରିବା ବେଳେ ଧରାପଡିଛନ୍ତି। ସେମାନଙ୍କୁ ଲୋକେ ଗୋଡାଇ ଜଣଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ତାଙ୍କ ନିକଟରୁ ଏକ ନମ୍ବର ବିହୀନ ବାଇକ ଜବତ ଓ ଗୋଟିଏ ଛେଳି ଉଦ୍ଧାର କରାଯାଇଛି। ଅନ୍ୟ ୫ଜଣ ଖସି ପଳାଇଛନ୍ତି।

ଏହି ୬ ଯୁବକ ମଙ୍ଗଳବାର ରାତି ୧ଟା ସମୟରେ ବାଇକରେ ଆସି ଶାସଙ୍ଗ ଗ୍ରାମ ଅଧୀନ ପାଟଣାସାହିର କାର୍ତ୍ତିକ ସେଠୀ ଓ ମଳିକସାହିର ମନ୍ମଥ ମଲ୍ଲିକଙ୍କ ଘରୁ ଛେଳି କୁକୁଡା ଚୋରି କରିଥିଲେ। ସେମାନେ ଛେଳି କୁକୁଡା ଧରି ବାଇକରେ ସ୍ଥାନୀୟ ମୁସଲିମ୍ ବସ୍ତି ଦେଇ ପଳାଇ ଯାଉଥିବାବେଳେ କେତେକ ଲୋକ ଦେଖି ପାଟି କରିଥିଲେ। ପାଟି ଶୁଣି ଅନ୍ୟ କେତେକ ଯୁବକ ସେମାନଙ୍କୁ ଗୋଡ଼ାଇଥିଲେ। ଚୋରମାନେ ଖଣ୍ଡା, ଭୁଜାଲି ଦେଖାଇ ଭୟଭୀତ କରିବାକୁ ଉଦ୍ୟମ କରିଥିଲେ ମଧ ଯୁବକମାନେ ଡରି ନ ଯାଇ ବହୁ ଚେଷ୍ଟା ପରେ ଜଣଙ୍କୁ ବାଇକ ସହ ଧରିଥିଲେ। ଧରାପଡିଥିବା ଅଭିଯୁକ୍ତ ହେଲେ ବର୍ଦ୍ଧନପୁର ଗ୍ରାମର ଅକ୍ଷୟ ଦଳେଇ । ଗ୍ରାମବାସୀଙ୍କଠାରୁ ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରୁ ଅଭିଯୁକ୍ତ ଅକ୍ଷୟଙ୍କୁ ଥାନାକୁ ଆଣିଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ କରୁଥିବା କହିଛି।




ଗିରଫ ଚୋର ଓ ଜବତ ବାଇକ୍।

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତରଙ୍କୁ ଡାକ୍ତରଖାନା ନେଲେ ଜିଲାପାଳ

**ଭଦ୍ରକ ଅଫିସ, ୨୧।୮:** ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ ବୁଧବାର ମଧ୍ୟାହ୍ନରେ ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ବ୍ୟକ୍ତିଙ୍କୁ ନିଜ ଗାଡ଼ିରେ ନେଇ ଜିଲା ଚିକିତ୍ସାଳୟରେ ପହଞ୍ଚାଇଥିଲେ। ସୂଚନା ଅନୁସାରେ, ବାଲେଶ୍ୱର ଜିଲା ସିମୁଳିଆ ଅଞ୍ଚଳର କାଞ୍ଚପଡା ଗାଁର ଦଶରଥ ମହାରଣା(୪୨) କୌଣସି କାମରେ ବାଇକ୍ ଯୋଗେ ଭଦ୍ରକ ଆସିଥିଲେ। ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ତାଙ୍କୁ ଏକ ଗାଡ଼ି ପଛପଟୁ ଧକ୍କା ଦେଇ ଜାତୀୟ ରାଜପଥରେ ଚାଲିଯାଇଥିଲା। ସେହି ରାସ୍ତା ଦେଇ ଜିଲାପାଳ ଦାସ କାର୍ଯ୍ୟାଳୟକୁ ଯାଉଥିଲେ। ଗୁରୁତର ଅବସ୍ଥାରେ ଦଶରଥଙ୍କୁ ଦେଖି ଜିଲାପାଳ ନିଜ ଗାଡ଼ିରେ ଜିଲା ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେବା ସହ ତାଙ୍କ ପରିବାର ଲୋକଙ୍କୁ ଫୋନ ଯୋଗେ ଜଣାଇଥିଲେ। ଜିଲାପାଳଙ୍କ ଏଭଳି ମାନବିକତାକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ବିପର୍ଯ୍ୟୟ ପରିଚାଳନା କର୍ମଶାଳା

**ଭଦ୍ରକ ଅଫିସ, ୨୧।୮:** ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜରୁରିକାଳୀନ ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ସଂସ୍କୃତି ଭବନଠାରେ ବିପର୍ଯ୍ୟୟ ପରିଚାଳନା ନେଇ ଏକ ତାଲିମ ଶିବିର ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ଏହି କର୍ମଶାଳାରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲାପାଳ ଦାସ ବିପର୍ଯ୍ୟୟର ପ୍ରକାରଭେଦ ଓ ପ୍ରଶମନ ବିଷୟରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ଏହାପରେ ଭୁବନେଶ୍ୱରରୁ ଆସିଥିବା ଓସ୍‌ଡମାର ବିଷୟବସ୍ତୁ ବିଶେଷଜ୍ଞ କିଶୋର ସାହୁ ଓ ଶୁଭ୍ରଜିତ ପୃଷ୍ଟି କମ୍ପ୍ୟୁଟର ମାଧ୍ୟମରେ ଏହି ନୂତନ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିଲା କାର୍ଯ୍ୟାଳୟର ଜରୁରିକାଳୀନ ବିଭାଗର ସହକାରୀ ଜିଲାପାଳ ଜୟଶ୍ରୀ ସେନାପତି। ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀମାନେ କର୍ମଶାଳାରେ ଯୋଗ ଦେଇଥିଲେ।

### କଂଗ୍ରେସ ସେବାଦଳ ପକ୍ଷରୁ ବୃକ୍ଷରୋପଣ

**ବନ୍ତ, ୨୧।୮ (ଡି.ଏନ.ଏ.):** ବନ୍ତ ବ୍ଲକ ତରାପୁର ୟୁଥ୍ ୟୁନାଇଟେଡ କ୍ଲବ, ସେକ୍ ଅଜୋ ମଇ ବିଦ୍ୟାଳୟ ସମେତ ବିଭିନ୍ନ ଛକରେ ବୁଧବାର କଂଗ୍ରେସ ସେବାଦଳ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ଜିଲା ଛାତ୍ର କଂଗ୍ରେସ ସମ୍ପାଦକ ସୟଦ୍ ଇମ୍ରାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦେଶ ଛାତ୍ର କଂଗ୍ରେସ ସଂଯୋଜକ ସାଦ୍ ସିଦ୍ଦିକ୍, ସାମାଜିକକର୍ମୀ ସନାତନ ଜେନା, ହରେକୃଷ୍ଣ ଜେନା, ଯୁବନେତା ଜ୍ୟୋତିରଞ୍ଜନ ନାୟକ ଓ ସୟଦ୍ ମଇଫୁଜ୍ ପ୍ରମୁଖ ଯୋଗ ଦେଇଥିଲେ। ସୟଦ୍ ଅର୍‌ମାନ୍, ଜାକୀରଉଦ୍ଦିନ୍ ସାହାଜୀ, ଫକୀର ଉଦ୍ଦୀନ୍ ସାହାଜୀ, ବିଭୂତି ଜେନାଙ୍କ ସମେତ ଛାତ୍ର କଂଗ୍ରେସ ଓ ସେବାଦଳର ବହୁ କର୍ମୀ ଏଥିରେ ସହାୟତା କରିଥିଲେ।

# ଅସହାୟଙ୍କ ସାହା ଜଳଧର

ବନ୍ତ,୨୧।୮(ଡି.ଏନ୍.ଏ.)



ନିଆରା ବ୍ୟକ୍ତିତ୍ୱ

ଅନେକ ଦୁଃଖ ଯନ୍ତ୍ରଣା ଅଙ୍ଗେ ନିଭାଇଥିବାରୁ ସେ ଅନ୍ୟର କଷ୍ଟ ସହିପାରନ୍ତି ନାହିଁ। କେହି ରୋଗ ଯନ୍ତ୍ରଣାରେ ପଡିଥିଲେ, ସେ ସଙ୍ଗେସଙ୍ଗେ ତାଙ୍କୁ ଡାକ୍ତରଖାନା ନେଇ ଚକିତ୍ସା କରିବାକୁ ଡେରି କରନ୍ତି ନାହିଁ। ଖରାବର୍ଷା ହେଉ କି ରାତି ଅଧ କାହାକୁ ସେ ଖାତିର କରନ୍ତି ନାହିଁ ବୋଲି ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ବେଗନା ଗ୍ରାମର ଜଳଧର ନାୟକ କହିଛନ୍ତି।

ତାଙ୍କର ଏଭଳି ସେବାମୂଳକ କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଥାନ୍ତି। କେହି କେହି ତାଙ୍କୁ ଦେବଦୂତ ବୋଲି କହିଥାନ୍ତି। ଜଳଧରଙ୍କ ବୟସ ଏବେ ୪୮ ବର୍ଷ। ସେ ୭ ବର୍ଷର ହୋଇଥିବା ବେଳେ ବାପାଙ୍କୁ ହରାଇଥିଲେ। ଦୁଇ ଭାଇ ଓ ଦୁଇ ଭଉଣୀକୁ ତାଙ୍କ ମା' ବହୁ କଷ୍ଟରେ ଲାଳନପାଳନ କରିଥିଲେ। ପିଲାଦିନୁ ସଂଘର୍ଷ କରି ବଞ୍ଚିବା ଶିଖିଥିଲେ ଜଳଧର। ପରବର୍ତ୍ତୀ ଅବସ୍ଥାରେ ଦୁଇ ଭଉଣୀ ଓ ସାନଭାଇ ବିଭା ହୋଇଥିଲେ। ବର୍ତ୍ତମାନ ବୃଦ୍ଧା ମା'ଙ୍କ ସମେତ ୬ ପ୍ରାଣୀ କୁଟୁମ୍ବକୁ ନେଇ ତାଙ୍କ ସଂସାର। ଘରଡିହକୁ ଛାଡି ମାତ୍ର ୨୦ ଗୁଣ୍ଠ ଜମି ରହିଛି। ଦୁଇ ପୁଅ ବଡ ହେବା ପରେ ବାହାରେ ରୋଜଗାର କରି ଯାହା ଦେଉଛନ୍ତି ସେଥିରେ ପରିବାର ଚଳୁଛି। ସବୁବେଳେ ପରିବାର ଚିନ୍ତା ଥିଲେ ମଧ୍ୟ ଜଳଧର ଅସହାୟ ବ୍ୟକ୍ତିଙ୍କ ପାଇଁ ଅକାତରରେ ସହାୟତାର ହାତ ବଢାଇ ଆସିଛନ୍ତି। କେହି ରୋଗରେ ପଡି ଚିକିତ୍ସା କାର୍ଯ୍ୟ ଲାଗି ସହାୟତା ମାଗିଲେ ସେ ଆଗକୁ ଆସି ରୋଗୀଙ୍କୁ ଡାକ୍ତରଖାନା ନେଇ ସେବା ଯୋଗାଇଥାନ୍ତି। କାହାରିଠାରୁ କିଛି ପାରିଶ୍ରମିକ ନିଅନ୍ତି ନାହିଁ। ଦୀର୍ଘ ୨୦ ବର୍ଷ ଧରି ସେ ଏଭଳି ସେବା କାର୍ଯ୍ୟ କରି ନିଳୋକ ଅଞ୍ଚଳ ସମେତ ପଧାନପଡା, କେନ୍ଦୁଆପଦା, ରାମପୁର ଗୋବିନ୍ଦପୁର ଆଦି ପଞ୍ଚାୟତର ବହୁ ଅସହାୟ ରୋଗୀଙ୍କୁ ସାହାଯ୍ୟ କରି ଜୀବନରକ୍ଷା କରିଛନ୍ତି। ବିଶେଷ କରି ଡାକ୍ତରଖାନା ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅବଗତ ନ ଥିବା ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟମାନେ ଆସି ତାଙ୍କ ସହାୟତା ଲୋଡିଥାନ୍ତି। ଜଳଧର କହନ୍ତି, ପରିବାରର ଦୁଃସ୍ଥିତି ଯୋଗୁ ୩ୟ ଶ୍ରେଣୀରୁ ତାଙ୍କ ପାଠପଢାରେ ଡୋରି ବନ୍ଧା ହୋଇଗଲା। ସେଥିଲାଗି ସେ ନିଜ ପିଲାଙ୍କୁ ପାଠ ପଢାଇ ମଣିଷ କରିଛନ୍ତି। ଅସହାୟ ମଣିଷଙ୍କୁ ସହାୟତା ପ୍ରଦାନ କରିବା କାର୍ଯ୍ୟକୁ ସେ ଜୀବନର ବ୍ରତ ଭାବେ ଗ୍ରହଣ କରି କାର୍ଯ୍ୟ କରୁଥିବା କହିଛନ୍ତି।

## ଗାଁକୁ ନାହିଁ ସବୁଦିନିଆ ପକ୍କାରାସ୍ତା

ଭଦ୍ରକ ଅଫିସ, ୨୧।୮

ଭଦ୍ରକ ବ୍ଲକ ଦଇସିଂ ପଞ୍ଚାୟତ କୁଶୁନନଗର ମୌଜାର ବଢେଇଗଡିଆ ଗାଁକୁ ନାହିଁ ସବୁଦିନିଆ ପକ୍କାରାସ୍ତା। ଫଳରେ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଧବାର ଏହି ଗ୍ରାମବାସୀ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଭେଟି ସେମାନଙ୍କ ଗାଁକୁ ସବୁଦିନିଆ ପକ୍କାରାସ୍ତା କରିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକ ମଲ୍ଲିକ ପକ୍କାରାସ୍ତା ନିର୍ମାଣ ନେଇ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

ପ୍ରକାଶ ଯେ, ବରପଦା ବଜାରରୁ ବଢେଇଗଡିଆ ଗାଁକୁ ଯିବାକୁ ହେଲେ ଅଣଓସାରିଆ ରାସ୍ତା ରହିଛି। ବର୍ଷାଦିନେ ୪ ମାସ କାଦୁଅ ପଚପଚରେ ଯିବାଆସିବା କରିବାକୁ ପଡ଼େ। ଖରାଦିନେ ମଧ୍ୟ ଚାରିଚକିଆ ଗାଡ଼ି ଯିବା ଏପରିକି ଗାଁରେ ନିଆଁ ଲାଗିଲେ ଦମକଳ ଗାଡ଼ି ଆସିବା କିମ୍ବା ଜରୁରୀ ସମୟରେ ଗର୍ଭବତୀ, ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ବରପଦା ମେଡିକାଲକୁ ନେବା କଷ୍ଟକର ହୋଇପଡୁଛି। ରାସ୍ତାଟି ଅତ୍ୟନ୍ତ ଅଣଓସାରିଆ ହୋଇଥିବାରୁ ଗ୍ରାମବାସୀ ନାନା ସମସ୍ୟା ଭୋଗୁଛନ୍ତି। ଏବେ ବର୍ଷାଦିନ ହୋଇଥିବାରୁ କେତେକ ଲୋକ ଜଳ ନିଷ୍କାସନ ପାଇଁ ରାସ୍ତାକୁ କାଟି ଦେଇଛନ୍ତି। ଫଳରେ ଏହି ରାସ୍ତା ଦେଇ ବରପଦା ସ୍କୁଲ, କଲେଜକୁ ଆସିବା ପାଇଁ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି ବୋଲି ଗାଁ ଲୋକେ ଅଭିଯୋଗ କରିଥିଲେ। ବିଧାୟକଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଗାଁର ସଂଗ୍ରାମ ନାୟକ, କ୍ଷୀରୋଦ ମଲ୍ଲିକ, ସୂର୍ଯ୍ୟକାନ୍ତ ମଲ୍ଲିକ, ବିକାଶ ବେହେରା ଓ ଅଭିଜିତ୍ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ବିଧାୟକଙ୍କୁ ଭେଟିଲେ ଗ୍ରାମବାସୀ**



ବଢେଇଗଡିଆ ଗାଁ ଲୋକେ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ମରଣାନ୍ତକ ଆକ୍ରମଣ ଘଟଣା: ଜଣେ ଗିରଫ

ଭଦ୍ରକ ଅଫିସ, ୨୧।୮

ଭଦ୍ରକ ପୁରୁଣାବଜାର ଥାନା ଅଧୀନ ଉତ୍ତରବାହିନୀ ଗାଁର ପୀତାମ୍ବର ପୁହାଣଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ମୁଖ୍ୟ ଆକ୍ରମଣକାରୀ କୁହାଯାଉଥିବା ସାର୍ଥକ ପରିଡ଼ାଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତ ସିଦ୍ଧାର୍ଥ ପରିଡା, ପ୍ରଶାନ୍ତ ପରିଡା, ପ୍ରତିମା ପରିଡା ଓ ତୁଳସୀ ପରିଡା ଫେରାର ଥିବା ପୁରୁଣାବଜାର ଥାନାଧିକାରୀ ପ୍ରଜ୍ଞା ମହାନ୍ତି ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ମାମଲା (ନଂ.୧୪୯/୧୯) ରୁଜୁ ହୋଇଛି। ଉଲ୍ଲେଖନୀୟ ଯେ, ଗତ ୧୬ ତାରିଖରେ ପୀତାମ୍ବରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପୀତାମ୍ବରଙ୍କ ସ୍ତ୍ରୀ ଦ୍ରୌପଦୀ ସେହି ଗାଁର ୫ ଜଣଙ୍କ ନାଁରେ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବା ଅଭିଯୋଗ ହୋଇଥିଲା। ଗତ ସୋମବାର ଅଭିଯୋଗକାରୀଙ୍କ ପକ୍ଷରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏସ୍‌ପିଙ୍କ ନିକଟରେ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ବୋଲି ଦାବି କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ଡାଏଲିସିସ୍ ସେଣ୍ଟର ଉଦ୍‌ଘାଟନ ବେଳେ ରାଜ୍ୟପାଳ ଗଣେଶୀ ଲାଲ ଓ ଅନ୍ୟମାନେ।

### ଭଦ୍ରକରେ ଖୋଲିଲା ଡାଏଲିସିସ୍ ସେଣ୍ଟର

## ଡାକ୍ତରମାନେ ସେବା ମନୋବୃତ୍ତି ରଖିବା ଉଚିତ: ରାଜ୍ୟପାଳ

ଭଦ୍ରକ ଅଫିସ, ୨୧।୮

ଭଦ୍ରକ ଜିଲା ମୋଟେଲ ଛକ ନିକଟସ୍ଥ ସାଲନ୍ଦୀ ହସ୍ପିଟାଲ ପରିସରରେ ଭଦ୍ରକ ରୋଟାରୀ କ୍ଲବ ଓ ରୋଟାରୀ କ୍ଲବ ମିଡ୍‌ଟାଉନ ଦ୍ୱାରା ରାମଦାସ ଅଗ୍ରୱାଲ ରୋଟାରୀ ମେମୋରିଆଲ ଡାଏଲିସିସ୍ ଟ୍ରଷ୍ଟ ପକ୍ଷରୁ ବୁଧବାର ଏକ ଡାଏଲିସିସ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଗଣେଶୀ ଲାଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମାନବ ସେବା ହିଁ ସର୍ବୋତ୍କୃଷ୍ଟ ସେବା। ସମୁଦ୍ର ସହ ଢେଉର, ସୂର୍ଯ୍ୟ ସହ କିରଣର ଯେଭଳି ସମ୍ପର୍କ ନିବିଡ଼ ରହିଛି ସେହିଭଳି ଡାକ୍ତରଙ୍କ ସହ ରୋଗୀର ସମ୍ପର୍କ ନିବିଡ଼ ରହିବା ଦରକାର। ଡାକ୍ତରମାନେ ସେବା ମନୋଭାବ ରଖିବା ଉଚିତ। ଏହି ସେଣ୍ଟର ଦ୍ୱାରା ବହୁ ଗରିବ ଲୋକ ସ୍ୱଳ୍ପ ଖର୍ଚ୍ଚରେ ଡାଏଲିସିସ୍ ସେବା ପାଇପାରିବେ ବୋଲି ରାଜ୍ୟପାଳ ବକ୍ତବ୍ୟରେ କହିଥିଲେ। ଓଡ଼ିଶା ସଂସ୍କୃତିସମ୍ପନ୍ନ ମାଟି। ଏହି ମାଟି ସଂଗ୍ରାମୀଙ୍କ ମାଟି ବୋଲି ଉଦ୍‌ବୋଧନ ଦେଇଥିଲେ ରାଜ୍ୟପାଳ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଅଧିକ ଯତ୍ନବାନ ବୋଲି ବକ୍ତବ୍ୟ ରଖିଥିଲେ। ବିଧାୟକ ତଥା ରୋଟାରିଆନ ସଞ୍ଜୀବ ମଲ୍ଲିକ ବିପିଏଲ୍‌ଧାରୀ ରୋଗୀଙ୍କ ପାଇଁ ଡାଏଲିସିସ୍ ବାବଦ ଦେୟ ସେ ନିଜେ ବହନ କରିବେ ବୋଲି ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ରୋଟାରୀ ଗଭର୍ନର ଦେବାଶିଷ ମିଶ୍ର, ପୂର୍ବତନ ରୋଟାରୀ ଗଭର୍ନର ରାମଦାସ ଅଗ୍ରୱାଲ, ରୋଟାରୀ ଡାଏଲିସିସ୍ ସେଣ୍ଟର ଅଧ୍ୟକ୍ଷ ଅଜୟ ଅଗ୍ରୱାଲ, ଡାଏଲିସିସ୍ ଟ୍ରଷ୍ଟ ଚେୟାରମ୍ୟାନ ଶିଶିର ମିଶ୍ର ଓ ଭଦ୍ରକ ରୋଟାରୀ କ୍ଲବ ସଭାପତି ସୁଧୀରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରୋଟାରୀ କ୍ଲବ ମିଡ୍‌ଟାଉନ ସଭାପତି ଅତିସ କୁମାର ବେହେରା ଅତିଥି ପରିଚୟ ପ୍ରଦାନ ଓ ରୋଟାରିଆନ ପ୍ରଭାସ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## 'ବିଜ୍ଞାନମେଳା ମାଧ୍ୟମରେ ମାନସିକ ଅଭିବୃଦ୍ଧି ଘଟେ'

ତିହିଡ଼ି, ୨୧।୮ (ଡି.ଏନ.ଏ.)

ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ବିଭାଗ ଓ ବାଲ୍ ବିଭାଗରେ ମୋଟ ୧୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସିଆର୍‌ସିସି ଦିଲୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଧାନଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟଅତିଥି ପଣ୍ଡା ବିଜ୍ଞାନମେଳା ମାଧ୍ୟମରେ ଛାତ୍ରଛାତ୍ରୀଙ୍କର ମାନସିକ ଅଭିବୃଦ୍ଧି ଘଟିଥାଏ ବୋଲି କହିଥିଲେ। ପରିଚାଳନା କମିଟି ସମ୍ପାଦକ ଭରତ ଚରଣ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ର ବିଜ୍ଞାନମେଳା ଦ୍ୱାରା ନିଜର ଲୁକ୍କାୟିତ ପ୍ରତିଭାକୁ ବିକାଶ କରିପାରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମ୍ପାଦକ ପ୍ରୀତିରଞ୍ଜନ ଉଦ୍‌ଗାତା, ସହସମ୍ପାଦକ ଶଶିକାନ୍ତ ରାଉଳ ଓ ସଭ୍ୟା ମାଣିକ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗୁରୁଜୀ ନରେନ୍ଦ୍ର କୁମାର ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। ବାଞ୍ଛାନିଧି ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ବନ୍ଦନା ପଟ୍ଟନାୟକ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ବାଲ୍ ବର୍ଗରେ ପ୍ରତିମା ଧୂପାଳ, ଶିବଶଙ୍କର ରାଉତ, ଲଗ୍ନିକା ରାଉଳ ଏବଂ ଶିଶୁ ବର୍ଗରେ ଟିଡିକ୍ କର, ଶତାବ୍ଦୀ ରାୟ ଓ ଦେବସ୍ମିତା ପାଢ଼ୀ ପ୍ରଥମ ହୋଇ ସଂକୁଳସ୍ତରକୁ ମନୋନୀତ ହୋଇଥିଲେ। ବିଜ୍ଞାନ ଆଚାର୍ଯ୍ୟା ରଶ୍ମିତା ନାୟକ, ଗୁରୁମା' ସେବତୀ ତ୍ରିପାଠୀ, ବିଶ୍ୱନାଥ କର, ପୁଣ୍ୟତୋୟା ବାରିକ, ପୂର୍ଣ୍ଣିମା ଖଟୁଆ, ବର୍ଷା ପ୍ରିୟଦର୍ଶିନୀ ସାହୁ ଓ ପ୍ରତିଭାରାଣୀ ସାହୁ ବିଜ୍ଞାନମେଳା ପରିଚାଳନା କରିଥିଲେ।

## କାଳିଆ ଯୋଜନା ଉପରେ ଗୁରୁତ୍ୱ

**ଭଣ୍ଡାରିପୋଖରୀ, ୨୧।୮ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ୧୦ମ ବୈଠକ ବୁଧବାର ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ ପଞ୍ଚାୟତ ଅଧିକାରୀ ଶର୍ମିଷ୍ଠା ମଲ୍ଲିକ। ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲାପରିଷଦ ଉପଧ୍ୟକ୍ଷା ଜ୍ୟୋସ୍ନାରାଣୀ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ବିଡିଓ ବନମାଳି ତରାଇ, ତହସିଲଦାର ମୃତ୍ୟୁଞ୍ଜୟ ଭୁୟାଁ ଓ ବିଇଓ ଦୀପକ ପାଢୀ ଯୋଗ ଦେଇଥିଲେ। ପ୍ରଥମ କରି ଏମ୍‌ପି ଓ ବିଧାୟକ ବୈଠକରେ ଉପସ୍ଥିତ ଥିବାରୁ ସରପଞ୍ଚ, ସମିତି ସଭ୍ୟାସଭ୍ୟ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ବିଶେଷ କରି କାଳିଆ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଯୋଜନାର ଅବ୍ୟବସ୍ଥା ସମ୍ପର୍କରେ ସରପଞ୍ଚ ସଦାଶିବ ଦାସ, ଜଗବନ୍ଧୁ ଦାସ, ବଦ୍ରିନାରାୟଣ ରାଉତ ଓ ସମିତିସଭ୍ୟ ପ୍ରଦୀପ ଜେନା ଅସନ୍ତୋଷ ବ୍ୟକ୍ତ କରି ବ୍ଲକ କୃଷି ଅଧିକାରୀଙ୍କଠାରୁ ଉତ୍ତର ଚାହିଁଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇ ନ ଥିବା ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ସାମିଲ କରିବାକୁ ସମିତିସଭ୍ୟା ସବିତା ମହାପାତ୍ର ମତପ୍ରକାଶ କରିଥିଲେ। ବ୍ଲକରେ ଉଦ୍ୟାନ କୃଷି, ବନବିଭାଗ କାର୍ଯ୍ୟାଳୟ ନିର୍ମାଣ ନେଇ ସମିତିସଭ୍ୟା ସ୍ମିତାରେଖା ରାଉତ ପ୍ରଶ୍ନ କରିଥିଲେ। ପାନୀୟ ଜଳ, ଗମନାଗମନ, ବିଦ୍ୟୁତ୍ ଓ ଅଙ୍ଗନୱାଡି ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ ସରପଞ୍ଚ ସୁବାସ କାଣ୍ଡି ଓ ଅଲିଭା ନାୟକ। ତହସିଲ ଅଫିସ୍‌ରେ ଅମିନ ଓ ଚେନମ୍ୟାନ ନ ଥିବା ସରପଞ୍ଚ ବିଜୟ ସ୍ୱାଇଁ ଅଭିଯୋଗ କରିଥିବା ବେଳେ ପ୍ରତ୍ୟେକ ବିଦ୍ୟାଳୟକୁ ବିଦ୍ୟୁତ୍‌କରଣ ଓ ସୌଭାଗ୍ୟ ଯୋଜନାର ଅଗ୍ରଗତି ସମ୍ପର୍କରେ ସରପଞ୍ଚ ମନୋଜ ନାୟକ ଓ ରୀତାଞ୍ଜଳି ସାମଲ ପ୍ରଶ୍ନ ଉଠାଇଥିଲେ। ନିମ୍ନମାନର ଛତୁଆ ଯୋଗାଣର ତଦାରଖ, ଦ୍ରୁତଗାମୀ ବସ୍ ରହଣି, ଭଣ୍ଡାରିପୋଖରୀ ବଜାର ମଝିରେ ଚାଲିଥିବା ହାଟ ଯୋଗୁ ଆମ୍ବୁଲାନ୍ସ, ଅଗ୍ନିଶମ ଓ ପୋଲିସ ଗାଡ଼ି ଯାତାୟାତରେ ବାଧକ ସାଜୁଥିବାରୁ ହାଟ ଅନ୍ୟତ୍ର ସ୍ଥାନାନ୍ତର ସକାଶେ ସରପଞ୍ଚ ବିଜୟ ଶଙ୍କର ମହାନ୍ତି ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ସାମଲ ସରପଞ୍ଚ ଓ ସମିତିସଭ୍ୟଙ୍କ ଆଲୋଚନାରେ ଖୁସି ହୋଇ ଏହି ବୈଠକ ବିଧାନସଭା ବୈଠକ ଭଳି ମନେ ହେଉଥିଲା ବୋଲି କହିଥିଲେ। ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ, କାଳିଆ ଯୋଜନା ଓ ଖାଉଟି କାର୍ଡର ସ୍ୱଚ୍ଛତା ଉପରେ ସେ ଗୁରୁତ୍ୱ ଦେଇଥିଲେ।

## ଛାତ୍ରୀଛାତ୍ରଙ୍କୁ ଟେରାକୋଟା କୌଶଳ ପ୍ରଶିକ୍ଷଣ

ବନ୍ତ, ୨୧।୮ (ଡି.ଏନ.ଏ.)

ବନ୍ତ ବ୍ଲକ ତୋଡଗାଁ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବୁଧବାର ଟେରାକୋଟା କୌଶଳ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଛି। ପୁରୁଷଣ୍ଡ ପ୍ରାଥମିକ ବିଦ୍ୟାଳୟର କଳା ଶିକ୍ଷକ ପଦ୍ମନାଭ ସେଠୀ ଛାତ୍ରୀଛାତ୍ରଙ୍କୁ ଚିତ୍ରାଙ୍କନ ସହିତ ଟେରାକୋଟାର ବିଭିନ୍ନ ମୂର୍ତ୍ତି, ପଶୁପକ୍ଷୀ ଆଦି ନିର୍ମାଣ କୌଶଳ ତାଲିମ ଦେଇଥିଲେ। ପ୍ରଧାନଶିକ୍ଷକ ରାମଚନ୍ଦ୍ର ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ କର୍ମଶାଳାରେ ପୂର୍ବତନ ସରପଞ୍ଚ ସରୋଜ ଜେନା, ପୁରାତନ ଛାତ୍ରସଂସଦ ସଭ୍ୟ ଉମାକାନ୍ତ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ପର୍ଶୁରାମ ନାୟକ, ବିଭୂତି ଭୂଷଣ ରାଉତ, ବିକାଶ ସେଠୀ, ଅସିତା ଲେଙ୍କା, ଶିତିକଣ୍ଠ ଶିଅଳ, ପରିଚାଳନା କମିଟି ସଭାପତି ଦିନେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ପିସି କଲେଜ ସମସ୍ୟାର ସମାଧାନ ଦାବି କଲା 'ମାସା'

ବାରିପଦା ଅଫିସ,୨୧।୮

ବାରିପଦା ତକତପୁର ସ୍ଥିତ ଏମପିସି ସ୍ୱୟଂଶାସିତ କଲେଜରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା) ପକ୍ଷରୁ ଦାବି କରାଯାଇଛି। ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅଧ୍ୟକ୍ଷା ଝରଣା ବେହେରାଙ୍କୁ ସାକ୍ଷାତ୍ କରିଥିଲେ। କଲେଜର ବିଭିନ୍ନ ଅବ୍ୟବସ୍ଥା ଦୂର କରିବା ପାଇଁ ୮ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଯୁକ୍ତ ୩ ଓ ପିଜି ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କ ହଷ୍ଟେଲ ଫି' କମ୍ କରିବା, ନବ ନିର୍ମିତ ଦୁଇଟି ହଷ୍ଟେଲ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଯୁକ୍ତ ୩ର ପ୍ରଥମ ଓ ଦ୍ୱିତୀୟ ସେମିଷ୍ଟର ପରୀକ୍ଷାଫଳ ତୁରନ୍ତ ପ୍ରକାଶ କରିବା,କଲେଜ କ୍ୟାଲେଣ୍ଡର, ମାଗାଜିନ ଓ ସିଲାବସ ପ୍ରଦାନ କରିବା, ଲାଇବ୍ରେରୀରେ ଆବଶ୍ୟକ ପୁସ୍ତକ ଉପଲବ୍ଧ କରିବା, କଲେଜର ସମସ୍ତ ହଷ୍ଟେଲର ମରାମତି କରିବା, ସମସ୍ତ କ୍ଲାସରୁମରେ ଫ୍ୟାନ ଓ ଆକ୍ୱାଗାର୍ଡ ବ୍ୟବସ୍ଥା କରିବା ଏବଂ କଲେଜରେ ସାନ୍ତାଳି ବିଭାଗରେ ଏମଫିଲ ଓ ପିଏଚଡି ପାଠ୍ୟକ୍ରମ ଖୋଲିବା ଆଦି ଦାବି କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଏହି ଦାବି ପୂରଣ କରା ନ ଗଲେ 'ମାସ'। ପକ୍ଷରୁ କଲେଜରେ ତାଲା ବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦକ ଅଇଁଠୁ ଟୁଡୁ, ଦିନେଶ କୁମାର ମୁର୍ମୁ, ଚୈତନ ସୋରେନ, ପ୍ରମୋଦ ମୁର୍ମୁ, ବାଜୁନ ମୁର୍ମୁ, ଭୀମଚରଣ ମୁର୍ମୁ, ବିଜୟ ମୁର୍ମୁ, ଲକ୍ଷ୍ମୀକାନ୍ତ ବାସ୍କେ, ସମାୟ ହାଁସଦା, ଲକ୍ଷ୍ମଣ ହେମ୍ବ୍ରମ, ରବୀନ୍ଦ୍ର ମାରାଣ୍ଡି, ଘାସିରାମ କିସ୍କୁ ଓ ମାନସ ରଞ୍ଜନ ସି ପ୍ରମୁଖ ସାମିଲ ଥିଲେ।

## ସୁକେଶ୍ୱର ଗୋପବନ୍ଧୁ ନଗର ବ୍ଲକ ଅଧ୍ୟକ୍ଷ ନିର୍ବାଚିତ

କୁଆମରା,୨୧।୮(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧ୍ୟକ୍ଷ ପଦ ନିମନ୍ତେ ବୁଧବାର ଉପ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି। କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଶାସକ ବିଜୁ ଜନତା ଦଳ ଅଧ୍ୟକ୍ଷ ପଦ ନିଜ ଅକ୍ତିଆରରେ ରଖିବାକୁ ସମର୍ଥ ହୋଇଛି। ରାଣୀବନ୍ଧ ପଞ୍ଚାୟତର ସମିତି ସଭ୍ୟ ସୁକେଶ୍ୱର ମଢେଇ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ୧୧ ଜଣ ସମିତି ସଭ୍ୟ ତାଙ୍କୁ ସମର୍ଥନ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ଜାନୁୟାରୀ ୧୨ ତାରିଖରେ ଅଧ୍ୟକ୍ଷା ଅଞ୍ଜୁ ଖଣ୍ଡେଇଙ୍କ ମୃତ୍ୟୁ ଘଟିବା ପରେ ଦୀର୍ଘ ସାତ ମାସ ହେଲା ଏହି ପଦବୀ ଖାଲି ପଡ଼ିଥିଲା। କପ୍ତିପଦା ବିଡିଓ ରବୀନ୍ଦ୍ର ମଲ୍ଲିକ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିଲେ। ବିଜେଡି ପକ୍ଷରୁ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ମୋରଡା ବିଧାୟକ ରାଜ କିଶୋର ଦାସ ପ୍ରମୁଖ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ଗୁରୁତର

କପ୍ତିପଦା,୨୧।୮(ଡି.ଏନ.ଏ)

କପ୍ତିପଦା ବ୍ଲକ ଅଧୀନ ଝିଙ୍କପଦା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମହିଳା ଜଣକ ହେଲେ ଛବିମଣି ବାରିକ୍। ସେ ଫୁଲ ତୋଳୁଥିବା ସମୟରେ ଗଛ ପାର୍ଶ୍ୱ ଦେଇ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

### ବଜ୍ରପାତରେ ନାବାଳିକାଙ୍କ ମୃତ୍ୟୁ

ବାଙ୍ଗିରିପୋଷି,୨୧।୮(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅଞ୍ଚଳରେ ବୁଧବାର ବଜ୍ରପାତ ଘଟି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ଜଣକ ହେଲେ ବ୍ରହ୍ମଣଗାଁ ଗ୍ରାମର ଗୌରୀ ହେମ୍ବ୍ରମ (୧୭)। ଅପରାହ୍ନରେ ଜଙ୍ଗଲରୁ ଛେଳି ନେଇ ସେ ଘରକୁ ଫେରୁଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୨୭/୧୯) ରୁଜୁ କରିଛି।

# ପଞ୍ଚାୟତ ସମିତିର ୭ମ ବୈଠକ, ଆରମ୍ଭରୁ ହୋହଲ୍ଲା

ଚାନ୍ଦବାଲି, ୨୧।୮ (ଡି.ଏନ.ଏ.)



ବୈଠକରେ ବିଧାୟକ ବ୍ୟୋମକେଶ ରାୟ, ବିଡିଓ ଶ୍ୟାମସୁନ୍ଦର ଟୁଡୁ ଓ ଅନ୍ୟମାନେ।

ଭଦ୍ରକ ଜିଲା ଚାନ୍ଦବାଲି ପଞ୍ଚାୟତ ସମିତିର ୭ମ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ମାନସୀ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ସଭ୍ୟାସଭ୍ୟ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ବିଡିଓ ସତ୍ୟନାରାୟଣ ସେଠୀ ୬ଷ୍ଠ ବୈଠକର ବିବରଣୀ ପାଠ କରିଥିଲେ। ଏହାପରେ ନାଲଗୁଣ୍ଡାର ସରପଞ୍ଚ ମନୋଜ ଭଳ ଓ ନାନ୍ଦପୁର ସମିତିସଭ୍ୟ ସ୍ୱଦେଶୀ ପଣ୍ଡା ବିଳମ୍ବରେ ପଞ୍ଚାୟତ ସମିତିର ୭ମ ବୈଠକ ହେବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ପ୍ରତି ଦୁଇମାସ ମଧ୍ୟରେ ବୈଠକ ବସିବାର ବିଧି ରହିଥିବା ବେଳେ ବର୍ଷକ ପରେ ହେବାକୁ ନେଇ ସେ ପ୍ରଶ୍ନ କରିବା ପରେ ସେଠାରେ ହୋହଲ୍ଲା ହୋଇଥିଲା। ବୈଠକ ଆରମ୍ଭର ମାସକ ପୂର୍ବରୁ ସମସ୍ତ ସଭ୍ୟାସଭ୍ୟଙ୍କୁ ପୂର୍ବ ବୈଠକର ରିଜଲ୍ୟୁଶନ କପି ପ୍ରଦାନ, ଆଗାମୀ ବୈଠକର କାର୍ଯ୍ୟସୂଚୀ ସମ୍ବନ୍ଧରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଡାକ ଯୋଗେ ଅବଗତ କରାଇବା, ସଭା ଆରମ୍ଭ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରିବା, ବୈଠକ ଚାଲୁଥିବାବେଳେ ପ୍ରତ୍ୟେକ ଆଲୋଚନାକୁ ସଭାବହିରେ ସଙ୍ଗେ ସଙ୍ଗେ ଲେଖାଯିବାକୁ ସେମାନେ ଦାବି କରିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସହାୟିକା ନିଯୁକ୍ତି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସାଧାରଣ ବଣ୍ଟନ, ଓଡ଼ିଶା ଜୀବିକା ମିଶନ, ପାନୀୟଜଳ, ସ୍ୱଚ୍ଛ ଭାରତ ମିଶନ, ଆମ ଗାଁ ଆମ ବିକାଶ ଭଳି କେତେକ ଯୋଜନା ସମ୍ପର୍କରେ ବିଭିନ୍ନ ସଭ୍ୟାସଭ୍ୟ ଆଲୋଚନା କରିଥିଲେ। ବିଡିଓ ଶ୍ୟାମସୁନ୍ଦର ଟୁଡୁ, ଉପାଧ୍ୟକ୍ଷ ଶ୍ରୀଧର ସାହୁ, ଭଦ୍ରକ ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ବିଧାୟକ ବ୍ୟୋମକେଶ ରାୟ ଓ ଏମ୍‌ପିଙ୍କ ପ୍ରତିନିଧି ଅଶୋକ ବଳ ପ୍ରମୁଖ ମଞ୍ଚାସୀନ ଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଅଗଷ୍ଟ ୨୨/୨୦୧୯ Balasore, Thursday, August 22/2019




# ଅସ୍ତ୍ରୋପଚାର ପରେ ମୃତ୍ୟୁକୁ ନେଇ ଉତ୍ତେଜନା

## ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଭିଯୋଗ ଆଣିଲେ ପରିବାର

ବାଲେଶ୍ୱର ଅଫିସ,୨୧।୮

ବାଲେଶ୍ୱର କୁରୁଡ଼ାସ୍ଥିତ ଜ୍ୟୋତି ହସ୍‌ପିଟାଲରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କାରଣରୁ ସରସ୍ୱତୀ ଜେନା (୪୮) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ବୁଧବାର ସନ୍ଧ୍ୟାରେ ହସ୍‌ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ମୃତା ସରସ୍ୱତୀଙ୍କ ପୁଅ ଅଶେଷ କୁମାର ଜେନା ଅନଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଅସ୍ତ୍ରୋପଚାର କରାଯିବାରୁ ତାଙ୍କ ମା'ଙ୍କର ଜୀବନ ଗଲା ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

ଅଶେଷ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କର ଇଏସ୍‌ଆଇ କାର୍ଡ଼ ଥିବାରୁ ସେ ମା'ଙ୍କ ଅସ୍ତ୍ରୋପଚାର କରିବା ଲାଗି ପାଇଁ ଜ୍ୟୋତି ହସ୍‌ପିଟାଲ ସହ ଯୋଗାଯୋଗ କରିଥିଲେ। କର୍ତ୍ତୃପକ୍ଷ ସମ୍ମତି ଜଣାଇବାରୁ ମଙ୍ଗଳବାର ପୂର୍ବାହ୍ନରେ ସେ ତାଙ୍କ ମା'ଙ୍କୁ ଆଣି ଭର୍ତ୍ତି କରିଥିଲେ। ପରୀକ୍ଷାନୀରିକ୍ଷା ପରେ ବୁଧବାର ପୂର୍ବାହ୍ନ ୧୧ଟାରେ ଜଣେ ଡାକ୍ତର ଅସ୍ତ୍ରୋପଚାର କରିଥିଲେ। ମଧ୍ୟାହ୍ନ ସାଢେ ୧୨ଟାରେ ଅପରେସନ ଥିଏଟରରୁ ସରସ୍ୱତୀଙ୍କୁ ଶଯ୍ୟାକୁ ଅଣାଯାଇଥିଲା। ତାଙ୍କର ଚେତା ନ ଫେରିବାରୁ ସେ କୋମାକୁ ଚାଲିଯାଇଥିଲେ। ପରିବାର ଲୋକେ ବ୍ୟସ୍ତ ହୋଇ ଡାକ୍ତର ଓ ନର୍ସଙ୍କ ସହ ପରାମର୍ଶ କରିଥିଲେ ମଧ୍ୟ କେହି କିଛି ଉତ୍ତର ଦେଇ ନ ଥିଲେ। ବହୁ ବିଳମ୍ବରେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ନେବା ସକାଶେ କୁହାଯାଇଥିଲା। ପରିବାର ଲୋକେ କଟକ ନେବା ଲାଗି ପ୍ରସ୍ତୁତି କରୁଥିବାବେଳେ ସନ୍ଧ୍ୟା ୬ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ସରସ୍ୱତୀଙ୍କର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ କହି ପାଟିତୁଣ୍ଡ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ କେତେକ ଡାକ୍ତର ଓ କର୍ମଚାରୀ ହସ୍‌ପିଟାଲ ଛାଡ଼ି ପଳାଇ ଯାଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ସଦର ଥାନାଧିକାରୀ ମମତା ସାହୁଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କହିଛନ୍ତି।

# ବଜ୍ରପାତରେ ଚାଷୀ ମୃତ

ତିହିଡ଼ି,୨୧।୮(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ କମାରିଆ ଗ୍ରାମରେ ବୁଧବାର ଅପରାହ୍ନରେ ବଜ୍ରପାତରେ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ସୁଦାମ ସାହୁ (୩୫)। ସେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ଘଟି ଗୁରୁତର ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ତିହିଡ଼ି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୭/୧୯) ରୁଜୁ ହୋଇଛି।

# ଜମା ଅର୍ଥ ଫେରିପାଇବାକୁ ଅନଶନ

ଖଇରା,୨୧।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ସେବା ସମବାୟ ସମିତିରେ ସ୍ଥାୟୀ ଜମା ଅର୍ଥ ଫେରସ୍ତ ନ ମିଳିବାରୁ ଏହାର ପ୍ରତିବାଦରେ ବର୍ତ୍ତନା ଗ୍ରାମର ରଣଜିତ ମହାନ୍ତି ବୁଧବାରଠାରୁ ଅନଶନ ଆରମ୍ଭ କରିଛନ୍ତି । ଜମା ଅର୍ଥ ଫେରି ନ ପାଇବା ପର୍ଯ୍ୟନ୍ତ ସେ ଅନଶନ ଚାଲୁ ରଖିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ରଣଜିତ ଅଭିଯୋଗ କରିଛନ୍ତି ଯେ, ୨୦୧୫ରେ ସେ ଉକ୍ତ ସମିତିରେ ୨ଲକ୍ଷ ଟଙ୍କା ଜମା ରଖିଥିଲେ। ୨୦୧୮ ଡିସେମ୍ବର ୧୬ ତାରିଖରେ ଏହା ମାଚ୍ୟୁରିଟି ଲାଭ କରିଥିଲା। ପରେ ସେ ସମସ୍ତ ନଥିପତ୍ର ଦାଖଲ କରି ଅର୍ଥ ଫେରିପାଇବାକୁ ଆବେଦନ କରିଥିଲେ । ସମିତିରେ ଏହାର କୌଣସି ପ୍ରମାଣ ମିଳୁ ନ ଥିବା କହି ସମ୍ପୃକ୍ତ କର୍ତ୍ତୃପକ୍ଷ ତାଙ୍କୁ ନିରାଶ କରି ଆସୁଛନ୍ତି। ଘଟଣାକ୍ରମେ ରଣଜିତ ତାଙ୍କ ରୋଗାକ୍ରାନ୍ତ ପୁଅଙ୍କ ଚିକିତ୍ସା ଲାଗି ଏହି ଅର୍ଥ ଉଠାଇବାକୁ ବାରମ୍ବାର ଧାଇଁ ହତାଶ ହୋଇଛନ୍ତି। ଏନେଇ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଉଚ୍ଚକର୍ତ୍ତୃପକ୍ଷଙ୍କ ସମେତ ଖଇରା ବିଡିଓ, ଖଇରା ଥାନା ଆଇଆଇସିଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ବର୍ତ୍ତନା ସେବା ସମବାୟ ସମିତିର ସମ୍ପାଦକ ଅକ୍ଷୟ ରାଉତ ଓ ସମବାୟ ବ୍ୟାଙ୍କର ପରିଚାଳକ ସଞ୍ଜୟ ମହାନ୍ତିଙ୍କୁ ପଚାରିବାରୁ ଜମା ସମ୍ପର୍କିତ କୌଣସି କାଗଜପତ୍ର କାର୍ଯ୍ୟାଳୟରେ ନ ଥିବାରୁ ଉପରିସ୍ଥ ଅଧିକାରୀଙ୍କୁ ଏକଥା ଅବଗତ କରାଯାଇଛି ବୋଲି କହିଛନ୍ତି।


ଅନଶନରେ ବସିଥିବା ରଣଜିତ ମହାନ୍ତି।




# ପାଣିରେ ବୁଡ଼ି ଶିଶୁକନ୍ୟା ଜୀବନ ଗଲା

ରୂପ୍‌ସା,୨୧।୮(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ବଳବୁଧି ଗ୍ରାମରେ ୧୧ମାସର ଶିଶୁକନ୍ୟା ଚାନ୍ଦିନୀ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଶିଶୁ ହେଲେ ବିଶ୍ୱନାଥ ବେହେରାଙ୍କ କନ୍ୟା। ଅସାବଧାନତା ବଶତଃ ସେ ଘର ପାଖ ଏକ ପାଣି ଭର୍ତ୍ତି ଜମିରେ ପଡି ବୁଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କଲା ବେଳକୁ ମୃତ୍ୟୁ ଘଟି ସାରିଥିଲା। ବସ୍ତା ଥାନା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୧/୧୯) ରୁଜୁ କରି ତଦନ୍ତ କରୁଥିବା କହିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ବାଲେଶ୍ୱର, ଗୁରୁବାର, ୨୨ ଅଗଷ୍ଟ, ୨୦୧୯



## ସଂକ୍ଷେପରେ

### ନିଶା ଔଷଧ ଚୋରା ବେପାରୀ ଗିରଫ




ଯୋଡ଼ା,୨୧।୮(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହରର ସହିଦ ନଗରଠାରେ ଯୋଡା ପୋଲିସ ଚଢାଉ କରି ନିଶା ଔଷଧ ଓ ମଦ କାରବାର କରୁଥିବା ଅଭିଯୋଗରେ ଅନୱାର ହୁସେନ୍‌ଙ୍କୁ ଗିରଫ କରିଛି। ଯୋଡା ଥାନା ଏସଆଇ ବିଶ୍ୱଜିତ ବେହେରାଙ୍କ ଠାରୁ ମିଳିଥିବା ସୂଚନାନୁଯାୟୀ ଦୀର୍ଘଦିନ ଧରି ଉକ୍ତ ଯୁବକ ଜଣକ ଚୋରାରେ ଦେଶୀ ମଦ କାରବାର କରିବା ସହିତ ବେଆଇନ୍ ଭାବେ ନିଶା ଔଷଧ କୋରେକ୍ସ ଓ କ୍ୟାପସୁଲ୍ ବିକ୍ରି କରି ଆସୁଥିଲେ । ଏନେଇ ସ୍ଥାନୀୟ ଅଞ୍ଚଳରେ ଏହି କାରବାରକୁ ବନ୍ଦ କରିବା ପାଇଁ ଅଭିଯୋଗ ହୋଇ ଆସୁଥିଲା। ଯୋଡା ପୋଲିସ ଏହି କାରବାର ସମ୍ପର୍କରେ ଗୁପ୍ତ ସୂଚନା ପାଇ ମଙ୍ଗଳବାର ବିଳମ୍ବିତ ରାତିରେ ସଦଳବଳେ ଅନୱାର ହୁସେନଙ୍କ ଘରେ ଚଢାଉ କରି ୭ ଟି କୋରେକ୍ସ ବୋତଲ , ୫ଷ୍ଟ୍ରିବ୍ ନିଶା କ୍ୟାପସୁଲ ପ୍ଲାଜମୋ ଏବଂ ୧୫ ଲିଟର ମହୁଲିମଦ ମଧ ଜବତ କରିଥିଲା । ପୋଲିସ ଏନେଇ ଏକ ମାମଲା (ନଂ.୧୨୬/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା ଏସଆଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ କି, ଏନେଇ ଧରିତ୍ରୀରେ ତଥ୍ୟଭିତ୍ତିକ ଖବର ମଧ ପ୍ରକାଶ ପାଇଥିଲା । ଖବର ପ୍ରକାଶ ପାଇବା ପରେ ପୋଲିସ ତତ୍ପରତା ବୃଦ୍ଧି ପାଇଥିଲା। ଯୋଡା ସହରରେ ବ୍ରାଉନସୁଗାର, ଗଞ୍ଜେଇ କାରବାର ବୃଦ୍ଧି ପାଇବାରେ ଲାଗିଛି ବୋଲି ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର କହିଛନ୍ତି ଯେ, ଏନେଇ ଜିଲା ଆରକ୍ଷୀ ନିରୀକ୍ଷକ ପ୍ରତ୍ୟକ୍ଷ ଭାବେ ଯୋଡା ପୋଲିସକୁ ନିର୍ଦ୍ଦେଶ ଦେଲେ ଏହି ନିଶା କାରବାର ଉପରେ ଅଙ୍କୁଶ ଲଗାଯାଇପାରନ୍ତା।

### ଜଣ୍ଡିସରେ ମହିଳା କର୍ମଚାରୀଙ୍କ ମୃତ୍ୟୁ

କେନ୍ଦୁଝର,୨୧।୮(ସ୍ୱ.ପ୍ର.)- ଜଣ୍ଡିସ୍‌ରେ ପୀଡ଼ିତ ହୋଇ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ମୁଖ୍ୟ କିରାଣି କସ୍ତୁରୀ ନାଏକ(୫୬)ଙ୍କର ବୁଧବାର ମୃତ୍ୟୁ ଘଟିଛି। ସେ ତିନିମାସ ଧରି ଅସୁସ୍ଥ ଥିବାରୁ ଆପୋଲ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ପୂର୍ବାହ୍ନରେ ମହାବିଦ୍ୟାଳୟ ପରିସରରେ ତାଙ୍କ ମରଶରୀର ପହଞ୍ଚିବା ପରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଧକ୍ଷଙ୍କ ସମେତ ସମସ୍ତ ଅଧାପିକା ଅଧାପକ, କର୍ମଚାରୀ ଓ ଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅଧକ୍ଷ ଡ. ସଦାଶିବ ମହାରଣାଙ୍କ ଅଧକ୍ଷତାରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଉଲ୍ଲେଖନୀୟ ଯେ, ସ୍ୱର୍ଗତ ନାଏକ ଜୁଆଙ୍ଗ ଜନଜାତି ସମ୍ପ୍ରଦାୟର ପ୍ରଥମ ମାଟ୍ରିକ ପାସ୍ କରିଥିବା ମହିଳା ବୋଲି ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ୧୯୮୩ ମସିହାରେ ପ୍ରଥମେ ସ୍ଥାନୀୟ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାକିରି ଆରମ୍ଭ କରିଥିଲେ। ପରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାକିରି କରି ସମ୍ପ୍ରତି କେନ୍ଦୁଝର ସରକାରୀ ମହିଳା ବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ।

■ ଜିଲା ପରିଷଦ ସଦସ୍ୟଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର ଅଭିଯୋଗ

# ଜନପ୍ରତିନିଧିଙ୍କ ବୈଠକ ବର୍ଜନ, ଉତ୍ତେଜନା

କେନ୍ଦୁଝର,୨୧।୮ (ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ୨୪ ନମ୍ବର ଜିଲା ପରିଷଦ ଜୋନ ସଦସ୍ୟ ଆଦିତ୍ୟ କୁମାର ଦେହୁରୀଙ୍କୁ ବିଡିଓ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ବୁଧବାର ଜିଲା ପରିଷଦ ବୈଠକରେ ହଟ୍ଟଗୋଳ ହୋଇଥିଲା। ଜିଲା ପରିଷଦ ସଦସ୍ୟମାନେ ବୈଠକ ବର୍ଜନ କରି ବାହାରକୁ ଚାଲି ଯାଇଥିଲେ। ପରେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ଉକ୍ତ ବିବାଦର ସମାଧାନ ହୋଇଥିଲା । ଶେଷରେ ଜନପ୍ରତିନିଧିମାନେ ବୈଠକରେ ସାମିଲ ହୋଇଥିଲେ ।

ସୂଚନାଯୋଗ୍ୟ, ବାଂଶପାଳ ବ୍ଲକ କାର୍ଯ୍ୟାଳୟରେ ଜିଲା ପରିଷଦ ଅଧକ୍ଷାଙ୍କ ବ୍ଲକ ରିଭ୍ୟୁ ମିଟିଂ ଚାଲିଥିବା ବେଳେ ଦେହୁରୀ ଗୃହ ନିର୍ମାଣ ଯୋଜନା କାମ ବିଷୟରେ ଆଲୋଚନା କରିଥିଲେ । ଏଥିରେ ବିଡିଓ ହଠାତ୍ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଦୁର୍ବ୍ୟବହାର କରିବା ସହ ବୈଠକ ଛାଡି ଚାଲିଯିବାକୁ କହିଥିଲେ ବୋଲି ଅଭିଯୋଗ ହୋଇଥିଲା । ଉକ୍ତ ଘଟଣା ପରେ ଜନପ୍ରତିନିଧିମାନେ ଜିଲାପାଳ ଆଶିଷ ଠାକରେଙ୍କୁ ଭେଟି ସମସ୍ତ ଘଟଣା ଜଣାଇଥିଲେ। ତଥାପି ବିଡ଼ିଓଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ବୁଧବାର ଜିଲା ପରିଷଦ ବୈଠକରେ ହଟ୍ଟଗୋଳ ହୋଇଥିଲା । ଏନେଇ ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର କହିଛନ୍ତି, ତାଙ୍କ ଉପସ୍ଥିତିରେ ସଦସ୍ୟ ଦେହୁରୀଙ୍କୁ ବିଡିଓ ଦୁର୍ବ୍ୟବହାର କରିଥିଲେ । ବୁଧବାର ବିଡିଓ ସମସ୍ତଙ୍କ ଉପସ୍ଥିତିରେ ଭୁଲ ମାଗିବା ପରେ ଉକ୍ତ ବିବାଦ ସମାଧାନ ହୋଇଥିଲା। ଏନେଇ ବିଡିଓ ଯୋଗେଶ୍ୱର ନାୟକଙ୍କୁ ତାଙ୍କ ମୋବାଇଲ ଫୋନ(ନଂ୯୪୩୮୩୦୯୯୭୫)ରେ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।



ବୈଠକ ବର୍ଜନ କରିଥିବା ଜନପ୍ରତିନିଧିମାନେ ବାହାରେ ବୁଲୁଛନ୍ତି ।

# ପାଇପ୍‌ରୁ ଆସୁଛି ନାଲିପାଣି

ଯୋଡ଼ା, ୨୧।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ପୌରପାଳିକାର ୯ନଂ ୱାର୍ଡ ଗୋପ ମହାନ୍ତି ହଟିଂ ଠାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ନିମନ୍ତେ ଦିଆଯାଇଥିବା ପାଇପ ଲାଇନରେ ନାଲି ରଙ୍ଗର ଦୂଷିତ ଜଳ ଆସୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ହୋଇଛି । ସ୍ଥାନୀୟ ଅଞ୍ଚଳର ତାରି କାରୁଆ, ଶହଦେବ କାରୁଆ, ଅଷ୍ଟମୀ କାରୁଆ, ବଳରାମ କାରୁଆ, ଭୀମ କାରୁଆ, ଲିଲି କାରୁଆ ପ୍ରମୁଖ ଅଭିଯୋଗ କରି କହିଛନ୍ତି ଯେ, ରବିବାରଠାରୁ ପାଇପ ଲାଇନରେ ନାଲି ରଙ୍ଗର ଦୂଷିତ ଜଳ ଆସୁଛି । ଯାହାକି ପିଇବା ଉପଯୋଗୀ ହେଉନାହିଁ। ଏହାସହିତ କୌଣସି ଲୁଗାପଟା , ବାସନକୁସନ ସଫା କାର୍ଯ୍ୟରେ ମଧ ଏହା ବ୍ୟବହାର ହୋଇପାରୁନାହିଁ ।



ପାଇପ୍‌ରୁ ବାହାରୁଥିବା ନାଲି ରଙ୍ଗର ପାଣି।

କିଛିଦିନ ପୂର୍ବରୁ ମଧ ଏହିପରି ଦୂଷିତ ଜଳ ଆସିବାରୁ ସ୍ଥାନୀୟ ଅଞ୍ଚଳବାସୀ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ସଂପୃକ୍ତ ବିଭାଗ କୁ ଜଣାଇଥିଲେ

**ପାନୀୟଜଳ ପାଇଁ ୱାର୍ଡବାସୀ ହଇରାଣ**

ମଧ କୌଣସି ସୁଫଳ ମିଳି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ କହ୍ନେଇ ଟୁଡୁଙ୍କୁ ପଚାରିବାରୁ ବାଂଶପାଣିଠାରେ ରେଳବାଇର ମାଟି ଡମ୍ପିଂ ହେତୁ ପାଇପଲାଇନ ଫାଟିଥିଲା। ଗତ ରବିବାରଠାରୁ ପୁଣି ଦୁଇଟି ସ୍ଥାନରେ ପାଇପ୍ ଫାଟିଯିବାରୁ ଏହି ସମସ୍ୟା ଉପୁଜିଛି । ତେବେ ମଙ୍ଗଳବାର ଗୋଟିଏ ସ୍ଥାନରେ ମରାମତି ହୋଇଛି ଏବଂ ବୁଧବାର ଅନ୍ୟ ଏକ ସ୍ଥାନରେ ଫାଟିଥିବା ପାଇପର ମରାମତି କାର୍ଯ୍ୟ ହେଉଅଛି । ଖୁବ୍ ଶୀଘ୍ର ଏହାର ମରାମତି ଶେଷ କରାଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଦାବି ପୂରଣ ନ ହେଲେ ପଡ଼ିବ ତାଲା



ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ସମ୍ମୁଖରେ ଛାତ୍ରୀଛାତ୍ର।

■ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ଅସନ୍ତୋଷ

■ କୁଳପତିଙ୍କୁ ଦାବିପତ୍ର ଦେଲେ ଛାତ୍ରୀଛାତ୍ର

କେନ୍ଦୁଝର, ୨୧।୮ (ସ୍ୱ.ପ୍ର.)

ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର କେନ୍ଦୁଝର ଜିଲା ମୁଖ୍ୟାଳୟ ଠାରେ ଥିବା ଦ୍ୱିତୀୟ କ୍ୟାମ୍ପସରେ ବ୍ୟାପକ ଅବ୍ୟବସ୍ଥା ନେଇ ଛାତ୍ରୀଛାତ୍ର ବୁଧବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏନେଇ ସେମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଜରିଆରେ କୁଳପତିଙ୍କୁ ସ୍ମାରକପତ୍ର ଦେଇ ତୁରନ୍ତ ସମାଧାନ କରିବାକୁ ଦାବି କରିଛନ୍ତି। ୨୦ ଦିନ ମଧରେ ଦାବି ପୂରଣ କରା ନ ଗଲେ ବାଧ ହୋଇ ତାଲା ପକାଇ ଆନ୍ଦୋଳନକୁ ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ଯାଇଥିବା ରାସ୍ତା ମରାମତି, ବିଭିନ୍ନ ବିଭାଗକୁ କମ୍ପ୍ୟୁଟର ଯୋଗାଣ, ଜିଓଲୋଜି ବିଭାଗର ଲାବରେଟୋରି ନିର୍ମାଣ, ଗାଡି ପାର୍କିଂ ବ୍ୟବସ୍ଥା, ସରକାରୀ ନିୟମାନୁଯାୟୀ ଫି' ଛାଡ କରିବା, ସେମିନାର ହଲ ନିର୍ମାଣ, ୱାଇ ଫାଇ ସୁବିଧା, ଆବଶ୍ୟକ ଅଧାପକ ନିଯୁକ୍ତି ଆଦି ବିଭିନ୍ନ ଦାବିରେ ଏହି ଆନ୍ଦୋଳନ କରିଛନ୍ତି। ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ବିଳମ୍ବ କରୁଥିବାରୁ ଛାତ୍ରୀଛାତ୍ର ତଥା ଅନ୍ୟ କର୍ମଚାରୀ ଯାତାୟାତରେ ସମସ୍ୟା ଭୋଗୁଥିବା କହିଛନ୍ତି। ସେହିପରି ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଅନ୍ଧାରରେ ଯାତାୟାତ କରିବା ଛାତ୍ରୀଙ୍କ ପକ୍ଷେ କଷ୍ଟସାଧ ହୋଇପଡ଼ିଛି। ଏସମ୍ପର୍କରେ ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ହୀରାଲାଲ ଦାଶ କହିଛନ୍ତି ଯେ, ପିଲାଙ୍କ ଦାବିପତ୍ରକୁ ବିଶ୍ୱବିଦ୍ୟାଳୟର କୁଳପତଙ୍କେ ନିକଟକୁ ପଠାଇଦିଆଯିବ ଏବଂ ସମସ୍ୟା ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ।

## ରୋଗ ପୋକ ସର୍ବେକ୍ଷଣ ତାଲିମ

ଚମ୍ପୁଆ,୨୧।୮(ଡି.ଏନ.ଏ.)

ଚମ୍ପୁଆ କୃଷି ଜିଲା କାର୍ଯ୍ୟାଳୟଠାରେ ମୋବାଇଲ ଆପ ଯୋଗେ ଇ–ରୋଗ ପୋକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ କୃଷି ଜିଲା ଅଧିକାରୀ ଗଜେନ୍ଦ୍ରନାଥ ଗୋଚ୍ଛାୟତ ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଲାଇଟ ଟ୍ରାପ ମାଧ୍ୟମରେ ଶସ୍ୟରେ ଲାଗୁଥିବା ପୋକ ସମ୍ବନ୍ଧରେ ସୂଚନା ଓ ତାର ପ୍ରତିକାର ଉପରେ କୃଷି ଓଭରସିୟର ଓ ଗ୍ରାମ୍ୟ କୃଷି ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଚଳିତ ଖରିଫ ଋତୁରେ ପ୍ରଥମ ଥର ପାଇଁ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ଓୟୁଏଟି ବିଶେଷଜ୍ଞ ତଥା ଶସ୍ୟ ସଂରକ୍ଷଣ ଅଧିକାରୀ(ଘଟଗାଁ) ମିହିର କୁମାର ସାହୁ, ଓୟୁଏଟି କେନ୍ଦୁଝର ଡଃ ପ୍ରଶାନ୍ତ କୁମାର ନନ୍ଦ ଏହି ତାଲିମ ପ୍ରଦାନ କରିଥିଲେ। ଚମ୍ପୁଆ ଉପଖଣ୍ଡର ୩ଗୋଟି ବ୍ଲକରେ ୨୫ ଗୋଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଜଣାଯାଇଛି। ଏଥିପାଇଁ ଅଗ୍ରଣୀ ଚାଷୀଙ୍କୁ ଏହି ଲାଇଟ ଟ୍ରାପ ପ୍ରଦାନ କରାଯିବ। ଅଗ୍ରଣୀ ଚାଷୀମାନେ ରାତି ୭ଟାରୁ ୯ଟା ପର୍ଯ୍ୟନ୍ତ ନିଜ ଶସ୍ୟ କ୍ଷେତ୍ରରେ ଲାଇପ ଟ୍ରାପ ମଧ୍ୟମରେ ପୋକ ଦାଉରୁ ଶସ୍ୟକୁ ସୁରକ୍ଷା ଦେବା ସହିତ ପୋକ ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କୁ ସୂଚନା ପ୍ରଦାନ କରିବେ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ଅବିନାଶ ବେହେରା, ଅଙ୍କିତା ରୁପ, ଯୋଡା ଓ ଝୁମ୍ପୁରାର ସହକାରୀ କୃଷି ଅଧିକାରୀମାନେ ଯୋଗଦେଇଥିଲେ।

# ଆଗକୁ ବଢ଼ିବା ଆଶାରେ ଜୟନ୍ତ

**ସନ୍ତୋଷ ରାଉତ**

ଆନନ୍ଦପୁର, ୨୧।୮



ଆନନ୍ଦପୁରର ପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ (ବି.ଏନ.ହାଇସ୍କୁଲ)ର ଦଶମ ଶ୍ରେଣୀର ଛାତ୍ର ଜୟନ୍ତ କୁମାର ଦତ୍ତ(୧୫)। ଦଶମରେ ପାଠ ପଢୁଥିଲେ ମଧ ଭବିଷ୍ୟତ ପାଇଁ ଏକ ଲକ୍ଷ୍ୟ ରଖିଛନ୍ତି। ସେ ଜଣେ ପାରା କମାଣ୍ଡର ହେବାକୁ ଆଶା ରଖିଥିବା ପ୍ରକାଶ କରିଛନ୍ତି। ଛାତ୍ର ଜୀବନରୁ ହିଁ ଭବିଷ୍ୟତକୁ ଲକ୍ଷ୍ୟ କରି ସେ ବିଦ୍ୟାଳୟ ସ୍ତରରେ ଏନ୍‌ସିସିରେ ଅଂଶଗ୍ରହଣ କରି ବିଭିନ୍ନ କ୍ୟାମ୍ପରେ ଯୋଗଦାନ କରିବା ସହିତ ଅନେକ କୃତିତ୍ୱ ହାସଲ କରିଛନ୍ତି। ଚଳିତ ଅଗଷ୍ଟ ୯ ତାରିଖରେ ୫ମ ବି.ଏନ.ଏନସିସି ସମ୍ବଲପୁର ଠାରେ ଅଂଶ ଗ୍ରହଣ କରି ଫାୟାରିଂରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ବେଷ୍ଟ ଫାୟାରର୍ ଭାବେ ପ୍ରମାଣ ପତ୍ର ହାସଲ କରିଛନ୍ତି।

ପୂର୍ବରୁ ସେ ୧୮।୬।୨୦୧୯ରୁ ୨୭।୬।୨୦୧୯ ପର୍ଯ୍ୟନ୍ତ ୭ମ ବିଏନ ଏନସିସି ଭଦ୍ରକରେ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ୟାମ୍ପରେ ଯୋଗଦାନ କରି ପ୍ରମାଣ ପତ୍ର ହାସଲ କରିବା ସହ ଜୁଲାଇ ମାସ ୨୧ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ କ୍ୟାମ୍ପରେ ଯୋଗଦାନ କରି ପ୍ରମାଣ ପତ୍ର ହାସଲ କରିଛନ୍ତି। ଢେଙ୍କାନାଳ ଠାରେ ଅନୁଷ୍ଠିତ ହୋଇଥିବା ଜୁଲାଇ ୧ରୁ ଜୁଲାଇ ୧୦ ପର୍ଯ୍ୟନ୍ତ କ୍ୟାମ୍ପରେ ଯୋଗଦେଇ ବେଷ୍ଟ ଫାୟାରର୍ ପ୍ରମାଣ ପତ୍ର ମଧ ହାସଲ କରିଛନ୍ତି। ଆନନ୍ଦପୁର ବିଏନ ହାସ୍କୁଲର ଏନସିସି ଅଫିସର ସୁବାସ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜୟନ୍ତ ଏନ୍‌ସିସିରେ ପଦାର୍ପଣ କରି ସଫଳତାର ଉଚ୍ଚ ସୋପାନରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଏନସିସି ଶିକ୍ଷକ ପଣ୍ଡା ଜୟନ୍ତଙ୍କୁ ଏନସିସି କ୍ଷେତ୍ରରେ ଅଗ୍ରଗତି ପାଇଁ ଯଥା ସମ୍ଭବ ଉଦ୍ୟମ ମଧ କରୁଛନ୍ତି। ଜୟନ୍ତଙ୍କ ଘର ଯାଜପୁର ଜିଲା ଅଞ୍ଚଳର ହୋଇଥିବାବେଳେ ବାପା ବିଜୟ କୁମାର ଦତ୍ତ ଏକ କମ୍ପାନୀରେ ଚାକିରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ମା' ଅନ୍ନପୂର୍ଣ୍ଣା ଜଣେ ସୁଗୃହିଣୀ ଥିବାବେଳେ ଜୟନ୍ତ ପିଲାଦିନରୁ ଆନନ୍ଦପୁର ମାଉସୀ ଘରେ ରହି ପାଠପଢା କାର୍ଯ୍ୟ କରୁଛନ୍ତି।

# ଭଙ୍ଗା ଘରେ ଚାଲିଛି ପାଠପଢ଼ା



ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ।

ତେଲକୋଇ, ୨୧।୮(ଡି.ଏନ.ଏ.)

ତେଲକୋଇ ମୁଖ୍ୟାଳୟରେ ରହିଛି ସର୍ବ ପୁରାତନ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ । ଏହି ବିଦ୍ୟାଳୟ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହୁଥିବା ବେଳେ ଶ୍ରେଣୀ ଗୃହରେ ପାଣି ଓ ଅଫିସ ଗୃହରେ ପାଣି ଯୋଗୁ ଆସବାବ ପତ୍ର ନଷ୍ଟ ହେବାରେ ଲାଗିଛି। ଉକ୍ତ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀ ଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଶତପ୍ରତିଶତ ପିଲା ଜନଜାତି ଓ ଅନୁସୂଚିତ ଜନଜାତି ଶ୍ରେଣୀର। ତେବେ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମ୍ୟ ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ରହିଥିଲେ ହେଁ ଏହାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଯୋଗୁ ଏବେ ଏହି ସରକାରୀ ଉଚ୍ଚ ବିଦ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏପରିକି ବର୍ଷା ହେଲେ ପାଠପଢା ବନ୍ଦ କରାଯାଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ଏହି ବିଦ୍ୟାଳୟ ପାଇଁ ୧୧୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରୀନିବାସ ରହିଛି। କେବଳ ଜନଜାତି ଓ ଅନୁସୂଚିତ ଜନଜାତି ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହା ୨୦୧୫ ମସିହାରେ ସମ୍ପୂର୍ଣ୍ଣ କରାଯାଇଥିବା ବେଳେ ଅଦ୍ୟାବଧି ରହିବାର ସୁଯୋଗ ମିଳି ନଥିବା ଯୋଗୁଁ ଏହା ଅବହେଳିତ ହୋଇ ପଡିରହିଛି। ଏସମ୍ପର୍କରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାହୁଙ୍କୁ ପଚାରିବାରୁ ମୂଖ୍ୟ ଅଫିସ ସହିତ କ୍ଲାସ ରୁମରେ ସାମାନ୍ୟ ବର୍ଷା ହେଲେ ପାଠପଢା ବନ୍ଦ କରାଯାଉଛି । ଏନେଇ ଜିଲା ପ୍ରଶାସନଙ୍କୁ ଲିଖିତ ଅଭିଯୋଗ ହୋଇଛି। ଏଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଛାତ୍ରୀ ନିବାସ ନିର୍ମାଣ ହୋଇଥିଲେ ହେଁ ପାନୀୟଜଳ ଓ ପାଚେରୀ ସହିତ ବିଦ୍ୟୁତ ସଂଯୋଗ ନ ଥିବା ଯୋଗୁଁ ଏହା କାର୍ଯ୍ୟକ୍ଷମ କରାଯାଇପାରି ନାହିଁ ।

# କ୍ରଶର ବେଲ୍ଟରେ ଚାପିହୋଇ ଯୁବକଙ୍କ ମୃତ୍ୟୁ

ପାଟଣା,୨୧।୮(ସ୍ୱ.ପ୍ର.)

ତୁରୁମୁଙ୍ଗା ଥାନା ମଲାରପଦା ପଞ୍ଚାୟତ ବନମାଳିପୁର ଗ୍ରାମର ରତ୍ନାକର ନାଏକ ନାମକ ଜଣେ ଯୁବକ ରବିବାର କ୍ରସର ବେଲ୍ଟରେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ସେ ହାଇଦ୍ରାବାଦର ଏକ କ୍ରସରରେ ଶ୍ରମିକ ଭାବେ କାମ କରୁଥିଲେ। ଯୋଗେଶ୍ୱର ନାଏକଙ୍କ ଏକ ମାତ୍ର ରୋଜଗାରିଆ ପୁଅ ରତ୍ନାକର। ସୂଚନା ଅନୁଯାୟୀ ରତ୍ନାକର କାମ ଅନ୍ୱେଷଣରେ ଦୁଇ ମାସ ତଳେ ହାଇଦ୍ରାବାଦ ଯାଇଥିଲେ। ମଙ୍ଗଳବାର ଉକ୍ତ କମ୍ପାନୀ ତରଫରୁ ମୃତଦେହ ଆସି ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଯୋଗେଶ୍ୱର ଜଣେ ଦରିଦ୍ର ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ଏକ ମାତ୍ର ରୋଜଗାରିଆ ପୁଅକୁ ହରାଇ ସେ ମ୍ରିୟମାଣ ହୋଇ ପଡିଛନ୍ତି। ତାଙ୍କୁ ସରକାରୀ ସ୍ତରରେ ସାହାଯ୍ୟ କରିବାଲାଗି ଗ୍ରାମବାସୀ ନିବେଦନ କରିଛନ୍ତି।

# ଜ୍ଞାନବିଜ୍ଞାନ ମେଳାରେ ୪୫ ପ୍ରକଳ୍ପ ପ୍ରଦର୍ଶିତ

ପାଟଣା,୨୧।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଛି। ଏହିକାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ କୁଳମଣି ସାହୁ , ସମ୍ମାନିତ ଅତିଥି ଭାବେ ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତ ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରକ୍ଷାକର ସାହୁ ପ୍ରମୁଖ ଯୋଗ ଦେଇ ବିଜ୍ଞାନ ପ୍ରକଳ୍ପ ଗୁଡିକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଗୁରୁଜୀ ବାବାଜୀ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ବିଜ୍ଞାନ ମେଳାରେ ବିଭିନ୍ନ ବର୍ଗରୁ ମୋଟ ୪୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରୟୋଗ ଓ ପ୍ରଶ୍ନ ମଞ୍ଚରେ ମୋଟ ୧୯୧ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରୁଥିଲେ। ବିଚାରକ ଭାବେ ଯୁଧିଷ୍ଠିର ମହାନ୍ତ, ଜ୍ୟୋତ୍ସ୍ନା ରାଣୀ ତ୍ରିପାଠୀ, ବିନୋଦିନୀ ସାମଲ, ଦେବକୀ ମହାନ୍ତ, ରୋଲି ଦାସ, ସରିତା ନାଏକ ଓ କିଶୋର ଚନ୍ଦ୍ର ମହାନ୍ତ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟେକ ବର୍ଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଅଗଷ୍ଟ ୨୫ ରେ ହେବାକୁ ଥିବା ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ପ୍ରତଯୋଗିତାରେ ଅଂଶ ଗ୍ରହଣ କରିବେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।




ବିଜ୍ଞାନ ମେଳାରେ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ଫାଣ୍ଡିକୁ ମିଳୁନି ଥାନା ମାନ୍ୟତା

ଢେଙ୍କିକୋଟ, ୨୧।୮(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆଦିବାସୀ ଅଧୁଷିତ ଘଟଗାଁ ଥାନା ଅଧୀନ ଢେଙ୍କିକୋଟ ପୋଲିସ ଫାଣ୍ଡିକୁ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ ଥାନାର ମାନ୍ୟତା ମିଳି ନାହିଁ। ଏନେଇ ଢେଙ୍କିକୋଟ ବିକାଶ ମଞ୍ଚର ସଭାପତି ପ୍ରଫେସର ଯୁଗଳ କିଶୋର ଦାସ ଗୃହମନ୍ତ୍ରୀଙ୍କୁ ଏ ସମ୍ପର୍କରେ ବହୁବାର ପତ୍ର ଦେଇ ଦାବି କରି ଆସୁଛନ୍ତି। କିନ୍ତୁ ଏହାକୁ କେହି କର୍ଣ୍ଣପାତ କରୁନାହାନ୍ତି। ଦିନକୁ ଦିନ ଚୋରି, ବଳାତ୍କାର ଭଳି ଘଟଣା ବଢ଼ି ଚାଲିଥିବାବେଳେ ଆବଶ୍ୟକ କର୍ମଚାରୀ ଅଭାବରୁ ଠିକ୍ ଭାବେ ତଦନ୍ତ ହୋଇପାରୁନାହିଁ। ଫାଣ୍ଡି ଅଧୀନରେ ଘଟଗାଁ ବ୍ଲକର ୨୭ଟି ଗ୍ରାମପଞ୍ଚାୟତ ମଧ୍ୟରୁ ୧୨ଟି ଗ୍ରାମପଞ୍ଚାୟତର ୭୨ଟି ଗ୍ରାମର ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଉପରେ ନିର୍ଭର କରୁଛି।




ଫାଣ୍ଡି ସମ୍ମୁଖରେ ଗ୍ରାମବାସୀ।

ଏହାର ବ୍ୟାସାର୍ଦ୍ଧ ୩୦ କି.ମିରୁ ଉର୍ଦ୍ଧ୍ୱ ହେଉଥିବାବେଳେ ଦିନକୁ ଦିନ ଏହି ଅଞ୍ଚଳର ଜନସଂଖ୍ୟା ବୃଦ୍ଧି ପାଇ ବର୍ତ୍ତମାନ ୧୦ଗୁଣା ହୋଇସାରିଲାଣି। ଫାଣ୍ଡି ଅଧୀନରେ ଦିନକୁ ଦିନ ଚୋରି, ରାହାଜାନି, ନାରୀ ନିର୍ଯାତନା ବଳାତ୍କାର, ବଧୂ ନିର୍ଯାତନା, ମାରପିଟ, ଜମିଜମା ସଂକ୍ରାନ୍ତୀୟ ମାମଲା ବୃଦ୍ଧିପାଉଥିବାବେଳେ ନିୟମାନୁଯାୟୀ ଫାଣ୍ଡିରେ ଜଣେ ସବ୍‌ଇନ୍ସପେକ୍ଟର, ଜଣେ ଅତିରିକ୍ତ ସବ୍‌ଇନ୍ସପେକ୍ଟର, ୨ଜଣ ମହିଳା ଏବଂ ୨ ଜଣ ପୁରୁଷ କନଷ୍ଟେବଳ ରହିବା କଥା। ମାତ୍ର କର୍ମଚାରୀ ଅଭାବ ଯୋଗୁ ଜଣେ ଅତିରିକ୍ତ ସବ୍‌ଇନ୍ସପେକ୍ଟର, ୨ମହିଳା ଏବଂ ୨ଜଣ ପୁରୁଷ କନଷ୍ଟେବଳରେ ଚାଲିଆସୁଛି ଫାଣ୍ଡି। ମାତ୍ର ଜଣେ ଅତିରିକ୍ତ ସବ୍‌ଇନ୍ସପେକ୍ଟର କୌଣସି ମାମଲାରେ ଘଟଣା ଦୁର୍ଘଟଣାସ୍ଥାନକୁ ସରଜମିନ୍ ନିମନ୍ତେ ଚାଲିଗଲେ ଦୂରଦୂରାନ୍ତରୁ ଗରିବ ଖଟିଖିଆ ଆଦିବାସୀମାନେ ଆପତ୍ତି ଅଭିଯୋଗ ଧରି ଆସି ଫାଣ୍ଡିରେ ଦିନ ତମାମ ସମୟ କାଟିବାକୁ ପଡୁଛି। ଏଣେ ଭଡ଼ା ଘରେ ଚାଲିଛି ଫାଣ୍ଡି। ବର୍ଷା ହେଲେ ଆଣ୍ଠୁଏ ପାଣି, କାଗଜ ପତ୍ର ରଖିବା ପାଇଁ ଆଲ୍‌ମିରାଟିଏ ନାହିଁ କି ଅଭିଯୁକ୍ତଙ୍କୁ ରଖିବାକୁ ହାଜତ ଗୃହଟିଏ ନାହିଁ। ଯାହାକି ଏଠାକାର କର୍ମଚାରୀମାନେ ନିଜେ ମଧ ସୁରକ୍ଷିତ ନୁହନ୍ତି। ଏଥିପ୍ରତି ରାଜ୍ୟ ସରକାରଙ୍କ ଗୃହ ବିଭାଗ ଦୃଷ୍ଟି ଦେଇ ଫାଣ୍ଡିକୁ ଥାନାର ମାନ୍ୟତା ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।